ଧରିତ୍ରୀ
DHARITRI

March 31-April 6, 2019 ₹ 2/-

ଛୁଟିଦିନ





# ସତ୍ୟବାଦୀ ପଞ୍ଚସଖାଙ୍କ ଗାଁ

୪
ପ୍ରଚ୍ଛଦ ପ୍ରସଙ୍ଗ

ପ୍ରଥମେ ବୈଷ୍ଣବୀୟ ପଞ୍ଚସଖା ଓଡ଼ିଶାରେ ସତ୍ୟ, ଧର୍ମର ବୀଜ ବପନ କରିଥିଲେ। ସେହିପରି ଦ୍ୱିତୀୟରେ ଓଡ଼ିଶାରେ ଶିକ୍ଷା, ସମାଜସେବା ଜରିଆରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ସତ୍ୟବାଦୀ ପଞ୍ଚସଖା ଦେବଦୂତ ସାଜିଥିଲେ, ସେହି ପଞ୍ଚସଖାଙ୍କ ଗାଁ ସମ୍ପର୍କରେ...

୮/୯
ସିନେମା




୧୩
ସହରଠୁ ଦୂର



# ଦେଶ ବିଦେଶରେ ଏପ୍ରିଲ ଫୁଲ୍

ଏପ୍ରିଲ ୧ ମାନେ ଏପ୍ରିଲ ଫୁଲ୍ସ ବୋକା ଦିବସ ଭାବେ ଏହି ଦିନଟିକୁ ପାଳନ କରାଯାଇଥାଏ। ଏହି ଦିନଟିକୁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରଣାଳୀରେ ପାଳନ କରାଯାଇଥାଏ...




✲ ପ୍ରାଚୀନ ରୋମରେ ଏହି ଦିନଟିକୁ ହିଲେରିଆ ଉତ୍ସବ ଭାବେ ପାଳନ କରାଯାଏ। ମାର୍ଚ୍ଚ ୨୫ ରୁ ଏପ୍ରିଲ ୧ ତାରିଖ ମଧ୍ୟରେ ପାଳନ କରାଯାଉଥିବା ଏହି ଉତ୍ସବରେ ଲୋକେ ପରସ୍ପରକୁ ବୋକା ବନେଇ ହସ ଖୁସିରେ ମସଗୁଲ ହୁଅନ୍ତି।

✲ ସ୍କଟଲାଣ୍ଡରେ ଦୁଇ ଦିନ ଧରି ଏହି ଉତ୍ସବ ପାଳନ କରାଯାଇଥାଏ। ଏହି ଦିନ ବୋକା ବନୁଥିବା ବ୍ୟକ୍ତିଙ୍କୁ 'ଏପ୍ରିଲ ଗ୍ରୋକ' ବୋଲି କୁହାଯାଏ। ଏଠାରେ ଏହି ଦିନ କୁକୁଡା ଚୋରି କରିବାର ଏକ ନିଆରା ପ୍ରଥା ରହିଛି।

✲ ଜାପାନରେ 'ସିଗାଟ୍ସୁବାକା' ନାମରେ ପରିଚିତ ଏହି ଦିବସଟିକୁ ଲୋକେ ଗୁଡି ଉଡେଇ ପାଳନ କରିଥାନ୍ତି।

✲ କୋରିଆରେ ଲୋକମାନେ ଏହି ଦିନଟିକୁ 'ସ୍ନୋଇ ଡେ' ନାମରେ ପାଳନ କରିଥାନ୍ତି। ଏହି ଦିନ ଲୋକମାନଙ୍କୁ ମିଛ କହିବା ଏବଂ ପରସ୍ପରକୁ ବୋକା ବନେଇବାର ଅନୁମତି ମିଳିଥାଏ।

✲ ଫ୍ରାନ୍ସରେ ଏହି ଦିନଟିକୁ 'ଫିସ୍ ଡେ' ନାମରେ ପାଳନ କରାଯାଇଥାଏ। ବ୍ୟକ୍ତିଙ୍କ ଅଜାଣତରେ ତାଙ୍କ ପିଠିରେ କାଗଜରେ ତିଆରି ମାଛକୁ ଅଠାରେ ଲଗାଇଦିଆଯାଏ ଏବଂ ପରେ ତାଙ୍କୁ ଜଣେଇ 'ଏପ୍ରିଲ ଫିସ୍ ଡେ' ଉତ୍ସ କରାଯାଇଥାଏ।

✲ ଇରାନରେ ଖ୍ରୀଷ୍ଟପୂର୍ବ ୫୩୬ରୁ ହସୋଲ୍ଲାସ ସହ ଅନ୍ୟକୁ ବୋକା ବନେଇବାର ପ୍ରଥା ପାଳିତ ହୋଇଆସୁଛି। ଲୋକମାନେ ସବୁଜ ପନିପରିବା ଦୂରକୁ ଫିଙ୍ଗିଥାନ୍ତି। ରୋଗ ଏବଂ ଦୁର୍ଭାଗ୍ୟ ପାଖ ମାଡିନଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୩୧-ଏପ୍ରିଲ ୬

**ମେଷ** – କର୍ମପରିସର ବଢ଼ିବ, ବହୁ ଭ୍ରମଣ, ପାରିବାରିକ ମତାନ୍ତର, ରାଜନୈତିକ ସାଫଲ୍ୟ, ବକେୟା ଅର୍ଥପ୍ରାପ୍ତି, ବ୍ୟାପାରରେ ପ୍ରତିବନ୍ଧକ, ଆଣ୍ଠୁଗଣ୍ଠିରେ ପୀଡ଼ା, ବିଦେଶ ଯାତ୍ରାର ସୁଯୋଗ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି।

**ବୃଷ** – ଭାବପ୍ରବଣତା ବୃଦ୍ଧି, ମନୋବଳ ହ୍ରାସ, କାର୍ଯ୍ୟସିଦ୍ଧିରେ ପ୍ରତିବନ୍ଧକ, କରଜ କରିପାରନ୍ତି, ବିବାଦୀୟସ୍ଥିତିର ମୁକାବିଲା, ବନ୍ଧୁପ୍ରସ୍ତାବ ଆସିବ, ଲୋକସମ୍ପର୍କ ବୃଦ୍ଧି, କର୍ମରେ ଶିଥିଳତା, ଧର୍ମକାର୍ଯ୍ୟରେ ମନ, ଶାରୀରିକ କ୍ଲାନ୍ତି।

**ମିଥୁନ** – ପାରିବାରିକ ଅଶାନ୍ତି, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ସନ୍ତାନହେତୁକ ଦ୍ୱନ୍ଦ୍ୱ, ଭ୍ରମଣ ସୁଯୋଗ, ଅତିଥିସେବାର ସୁଯୋଗ, ବିବାଦରେ ଜଟିଳତା, ଗୁରୁଜନଙ୍କ ପ୍ରେରଣା, ଆର୍ଥିକ ଅଭିବୃଦ୍ଧି।

**କର୍କଟ** – ଶୁଭଖବର ପ୍ରାପ୍ତି, ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସଙ୍କଟ, ଭ୍ରାତୃ ବିବାଦ, ଶିକ୍ଷାରେ ସଫଳତା, ମିଥ୍ୟା ଗୁଜବରୁ ଦୁଶ୍ଚିନ୍ତା, ମକଦ୍ଦମାରେ ଡିଗ୍ରୀ, କର୍ମ ତତ୍ପରତା ବୃଦ୍ଧି, ଉଚ୍ଚସ୍ତରରୁ ସମ୍ମାନ, ପ୍ରଶାସନିକ ତତ୍ପରତା, ବନ୍ଧୁ ସମ୍ପର୍କହାନି।

**ସିଂହ** – ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ, ମନୋରଞ୍ଜନରେ ଆଗ୍ରହ, ଆର୍ଥିକ ସ୍ଥିତିରେ ଉନ୍ନତି, ବ୍ୟୟବହୁଳତା, ପରିବହନରେ ଝଗଡ଼ା, ସ୍ଥାନାନ୍ତରରୁ ଚିନ୍ତା, ସମ୍ପର୍କରେ ଶିଥିଳତା, ଆଇନ ସହାୟତା, ବିବାଦରେ ବିଜୟ, କଳାରେ ସମ୍ମାନ।

**କନ୍ୟା** – କାର୍ଯ୍ୟରେ ସଫଳତା, ଦୂର ଯାତ୍ରାର ପ୍ରସ୍ତୁତି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଋଣ ପରିଶୋଧର ଚିନ୍ତା, ଦୁଃସାହସିକ ପଦକ୍ଷେପ, ପଦମର୍ଯ୍ୟାଦା ବୃଦ୍ଧି, ମାମଲାରୁ ଚିନ୍ତା, ନିରାଶ ହୋଇପାରନ୍ତି, ଦୈହିକ ଦୁର୍ବଳତା। ଧନହାନି, ସତ୍‌ସଙ୍ଗର ସୁଯୋଗ ପାଇବେ।

**ତୁଳା** – ବିଳାସପ୍ରିୟ ହେବେ, ବନ୍ଧୁମିଳନ। ଭ୍ରମଣ ସୁଯୋଗ, ଯାନବାହନରେ ତ୍ରୁଟି, ଭୁଲ୍ ବୁଝାମଣାରୁ କଳହ, ଗୃହ ପରିବର୍ତ୍ତନ, କ୍ରୀଡ଼ା-ସଙ୍ଗୀତରୁ ପ୍ରଶଂସା, ମିଥ୍ୟାଗୁଜବରୁ ଦୁଶ୍ଚିନ୍ତା, ଯାତ୍ରା ସ୍ଥଗିତ।

**ବିଛା** – ସ୍ୱାସ୍ଥ୍ୟରେ ଉନ୍ନତି, ନୂତନ ଯୋଜନାର ପରିକଳ୍ପନା, ମତାନ୍ତରରୁ ଦ୍ୱନ୍ଦ୍ୱ, ନିଃସଙ୍ଗତାବୋଧ। ଗୃହୋପକରଣ କ୍ରୟ, ଚୁକ୍ତିପତ୍ର ସମ୍ପାଦନ, ନୈରାଶ୍ୟଜନିତ ଦୁଃଖ। ସମ୍ପର୍କରେ ତିକ୍ତତା, କର୍ମାଗାରରେ ସମସ୍ୟା, ଅପବ୍ୟୟରୁ ମନଦୁଃଖ।

**ଧନୁ** – ଅସାବଧାନତାରୁ ଧନହାନି, ପଡ଼ୋଶୀଙ୍କ ସମାଲୋଚନା, କାମରେ ଅବହେଳା, ସମସ୍ୟା ସମାଧାନ, ସୁସ୍ଥତା ବ୍ୟାହତ। ପ୍ରଶାସନିକ ଦ୍ୱନ୍ଦ୍ୱ, ବନ୍ଧୁଙ୍କ ପକ୍ଷପାତିତା, ଧର୍ମକାର୍ଯ୍ୟରେ ବିଘ୍ନ, ଯାତ୍ରା ସଫଳ।

**ମକର** – ଉଚ୍ଚଶିକ୍ଷାରେ ବାଧା, ବ୍ୟବହାରରେ ରୁକ୍ଷତା, ପ୍ରତିବାଦ ଆସିବ, କରଜଦାତାଙ୍କ ଚାପ। ଅମୂଳକ ଆଶଙ୍କା, ସାଙ୍ଗଠନିକ ସଫଳତା, ରାଜନୈତିକ ଆକ୍ରୋଶ, ନିର୍ମାଣରେ ପୂର୍ଣ୍ଣତା, ନୂତନ ସମ୍ପର୍କ ସୃଷ୍ଟି।

**କୁମ୍ଭ** – ଦୈହିକ ଦୁର୍ବଳତା, ନିରୁତ୍ସାହିତ ରହିବେ, ବିବାଦ ବଢ଼ିବ, ପାରିବାରିକ ଅସହଯୋଗ, ଯାତ୍ରାରେ ଲକ୍ଷ୍ୟ ପୂରଣ, ସାମାଜିକ ସମ୍ମାନ, ଆନୁଷ୍ଠାନିକ ତତ୍ପରତା, ଉପରିସ୍ଥଙ୍କ ତାଗିଦା, ଯୋଗାଯୋଗରେ ବାଧା, ଅଶୌଚ ଖବରର ଆଶଙ୍କା।

**ମୀନ** – ସମସ୍ୟା ସୁଧୁରିବ, ଆଶା ପୂରଣ, ବୁଝାମଣା ଠିକ୍ ରହିବ, ଯାତ୍ରାରେ ସଫଳତା। ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷାର ଅନ୍ତ ଘଟିବ, କାମ ଅଟକିବ ନାହିଁ, ବନ୍ଧୁଙ୍କ ଅନାଦର ଭାବ, ନୂତନ ସ୍ଥାନ ପରିଦର୍ଶନ। ପାରିବାରିକ ସ୍ଥିରତା, ନୂତନ ମୈତ୍ରୀ, ଶୁଭଖବର ପ୍ରାପ୍ତି।

# ଅଣ୍ଡରଗ୍ରାଉଣ୍ଡ ଗାର୍ଡେନ୍

ଘରେ ବା ଘର ଆଖପାଖରେ ଥିବା ଗାର୍ଡେନ୍‌ରେ ଥରେ ବୁଲି ଆସିଲେ ମନ ପ୍ରଫୁଲ୍ଲିତ ହେଇଯାଏ। ତେବେ ପର୍ଯ୍ୟଟକଙ୍କ ମନୋରଞ୍ଜନ ଲାଗି ପୃଥିବୀର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଗାର୍ଡେନ୍ ନିର୍ମାଣ କରାଯାଇଛି। ସେହିଭଳି ଏକ ଗାର୍ଡେନ୍ ରହିଛି ଆମେରିକାର କାଲିଫର୍ଣ୍ଣିଆ ସହରରେ। 'ଫରେଷ୍ଟିଅର୍ ଅଣ୍ଡରଗ୍ରାଉଣ୍ଡ ଗାର୍ଡେନ' ନାମକ ଏହି ବଗିଚାର ବିଶେଷତ୍ୱ ହେଉଛି ଏହା ମାଟି ତଳେ ନିର୍ମାଣ କରାଯାଇଛି। ମାଟି ତଳେ ୧୦ ଏକର ପରିମିତ ଜମିରେ ପରିବ୍ୟାପ୍ତ ଏହି ଗାର୍ଡେନଟି ଉପରୁ ତଳ ଯାଏଁ ତିନୋଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗଟି ୧୦ଫୁଟ, ଦ୍ୱିତୀୟଟି ୨୦ଫୁଟ ଏବଂ ତୃତୀୟଟି ୨୩ ଫୁଟ ଗଭୀରତାରେ ଅବସ୍ଥିତ। ଗାର୍ଡେନରେ ଥିବା ଗଛଗୁଡ଼ିକୁ ପର୍ଯ୍ୟାପ୍ତ ପବନ ଏବଂ ସୂର୍ଯ୍ୟକିରଣ ଦେବାଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଛି। ବାଲ୍ଦାସେୟର ଫରେଷ୍ଟିଅର ନାମକ ବ୍ୟକ୍ତି ନିର୍ମାଣ କରିଥିବା ଏହି ଗାର୍ଡେନରେ ୧୦୦ ବର୍ଷ ପୁରୁଣା ଗଛ ମଧ୍ୟ ମହଜୁଦ ଅଛି।



# ପାଠକୀୟ

❖ହୋଲି ଆସେ, ରଙ୍ଗ ଉଡେ। ଦେହ ଭିଜେ, ମନ ବି ଭିଜେ। ରହେନା ବାଦ ବିବାଦ କି କୌଣସି ଭେଦଭାବ। ସମସ୍ତେ ହୁଅନ୍ତି ଏକାକାର। ସେଇଥିପାଇଁ ତ ଗୋଟିଏ ସୂତ୍ରରେ ବାନ୍ଧୁଥିବା ଭାରତର ଏହି ଉତ୍ସବ ଆକୃଷ୍ଟ କରିଛି ସାରା ପୃଥିବୀବାସୀଙ୍କୁ। ଆଉ ପୃଥିବୀର ବିଭିନ୍ନ ସ୍ଥାନରେ ପାଳନ ହେଉଛି ହୋଲି ପରି କିଛି ରଙ୍ଗର ଉତ୍ସବ। ଏଭଳି ଏକ ନିଆରା ବିଷୟକୁ ନେଇ ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପରଦେଶେ ହୋଲି'କୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ସେହିପରି 'ବିନା ରଙ୍ଗରେ ହୋଲି', 'ସର୍ବବୃହତ୍ ୱାଟରଗନ୍' ଆଦି ପାଠଦୁଇଟି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

**–ରାକେଶ ଦାସ, ଲିଙ୍କରୋଡ୍, କଟକ**

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ପରଦେଶେ ହୋଲି' ପାଠଟିରୁ ଅନେକ ନୂଆ ନୂଆ କଥା ଜାଣିବାକୁ ମିଳିଲା। ଲାଇଫଷ୍ଟାଇଲ୍ ପୃଷ୍ଠାରୁ 'ହୋଲି ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ କେଟି ପେରୀଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଅନେକ ଲୁକ୍କାୟିତ ତଥ୍ୟ ଜାଣିହେଲା। ଅନ୍ୟପକ୍ଷେ ସୃଜନ ପୃଷ୍ଠାରେ ସ୍ଥାନିତ 'ରଜନୀଗନ୍ଧା ହୃଦୟ ଓ ନିଷ୍ପାପ ଜହ୍ନ' ନାମକ ଗପଟି ମୋ ମନ କିଣିନେଲା।

**–ସାଇକ୍ରିଷ୍ଣା ମହାନ୍ତି, ଏରସମା, ଜଗତ୍‌ସିଂହପୁର**

❖ସିନେମା ପୃଷ୍ଠାରେ ସ୍ଥାନିତ ମାଧୁରୀଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା। ଅନ୍ୟପକ୍ଷେ ଏଥିରେ ସ୍ଥାନିତ 'ରଣବୀରଙ୍କ ମନ କଥା', 'ସେଲଫିସ୍ ଦିଲ୍' ଏବଂ 'ନାୟକ ହେବ ଏମିତି' ଆଦି ପାଠଗୁଡ଼ିକ ବି ବେଶ୍ ମଜାଳିଆ ଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଚିତ୍ରଶିଳ୍ପୀ ଅଖିଳ ଚନ୍ଦ୍ର ପ୍ରଧାନଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

**–ମନ୍ଦାକିନୀ ସ୍ୱାଇଁ, ବଡ଼ବିଲ**

❖'ନବରଙ୍ଗିଆ ଶ୍ୟାମ ସାର୍' ପାଠଟିରୁ ପୂର୍ଣ୍ଣଚନ୍ଦ୍ର ସାହୁ (ଶ୍ୟାମ ସାର୍)ଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ଜାଣିବାକୁ ମିଳିଲା। 'ପହଁରୁନି, ଚାଲୁଛି ମାଛ' ପାଠଟି ବେଶ୍ ଆଶ୍ଚର୍ଯ୍ୟକର ଥିଲା। ଏଥରର ମଡେଲ୍ ମିରର୍‌ଟି ବି ଟିକେ ଅଲଗା ଲାଗୁଥିଲା। ସହରଠୁ ଦୂରରୁ ଏମିତି କିଛି ସ୍ଥାନ ସମ୍ପର୍କରେ ଜାଣିହେଲା, ଯେଉଁଠାରେ ହୋଲିକୁ ବେଶ୍ ନିଆରା ଢଙ୍ଗରେ ପାଳନ କରାଯାଇଥାଏ।

**–ତାପସ ରାଉତ, ଶହୀଦନଗର, ଭୁବନେଶ୍ୱର**

–ଏଥରର ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ ମଜାଦାର୍ ପାଠଗୁଡ଼ିକ ମୋତେ ପଢ଼ିବାକୁ ବହୁତ ଭଲ ଲାଗିଲା। ସେହିପରି କାର୍ଟୁନ କର୍ନର ଓ ହାଃ ହାଃ ମଧ ବେଶ୍ ମଜାଳିଆ ଲାଗୁଥିଲା।

**–ପିଙ୍କି, ଚିଙ୍କି, ମଣ୍ଟୁ, ପିଣ୍ଟୁ, ବାଲେଶ୍ୱର**

## ବିଶେଷ ଚିଠି



ଯେଉଁ ରବିବାରେ ଆସେ ନାହିଁ ଛୁଟିଦିନ
ସେଦିନ କୌଣସି କାମରେ ଲାଗେନି ମୋ ମନ।
କାରଣ ଧରିତ୍ରୀ ଛୁଟିଦିନ ପ୍ରିୟ ମୋର
ସେ ପତ୍ରିକା ପଢି ଜାଣେ ସବୁ ସମାଚାର।
ପ୍ରଚ୍ଛଦ ପ୍ରସଙ୍ଗ, ଗପ, ସହରଠୁ ଦୂର
ଭଲ ସିନେମା ଖବର, ସାଥୀର ଉତ୍ତର।
ପାଠକ ପାଠିକାମାନଙ୍କୁ କରୁଅଛି ନିବେଦନ
ଏବେଠୁ ପଢନ୍ତୁ ଧରିତ୍ରୀର ଛୁଟିଦିନ।

**–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ସମର୍ ହ୍ୟାଟ୍ସ

ହ୍ୟାଟ୍ସ ବିନା ସମର୍ ଫ୍ୟାଶନ୍ ଅଧୁରା। ଖରାର ପ୍ରକୋପରୁ ସୁରକ୍ଷା ପ୍ରଦାନ କରିବା ସହ ଏହା ଷ୍ଟାଇଲିଶ୍ ଲୁକ୍ ବି ଦିଏ। ଏହା ବିଭିନ୍ନ ପ୍ରକାରରେ ଉପଲବ୍ଧ ହୁଏ। ତେବେ ଚେହେରା ଅନୁସାରେ ହ୍ୟାଟ୍ ବାଛିପାରିଲେ ପ୍ରଚଣ୍ଡ ଖରାରେ ବି ମିଳିବ କୁଲ୍ ଲୁକ୍....



**ସନ୍ ହ୍ୟାଟ୍–** ଲାଇଟ୍ ୱେଟ୍‌ର ଏହି ହ୍ୟାଟ୍ ବିଚ୍ ଭାକେସନ୍ ପାଇଁ ବେଷ୍ଟ। ଏହାକୁ ଫ୍ଲୋଇଂ ଡ୍ରେସ୍, ବିକିନି, ସୁଇମ୍‌ସୁଟ୍, କଭର୍–ଅପ୍‌ସ ଓ ଯେ କୌଣସି ମଡର୍ନ ଡ୍ରେସ୍ ସହ ପିନ୍ଧିପାରିବେ। ଷ୍ଟାଇଲିଶ୍ ଲୁକ୍ ଦେବାସହ ସୂର୍ଯ୍ୟ କିରଣରୁ ବି ମୁହଁକୁ ସମ୍ପୂର୍ଣ୍ଣଭାବେ ସୁରକ୍ଷା ପ୍ରଦାନ କରେ। କାରଣ ଏହାର ବ୍ରିମ୍‌ର ଆକାର ବହୁତ ବଡ଼। ପୂର୍ବରୁ ଲାଇଫ୍‌ଗାର୍ଡ ବ୍ୟବହାର କରୁଥିବା ଏହି ହ୍ୟାଟ୍ ସାଧାରଣତଃ ବୃକ୍ଷର ତନ୍ତୁ ଓ ନଡାରେ ଏହି ହ୍ୟାଟ୍ ତିଆରି ହୋଇଥାଏ। ତେଣୁ ଖରା ସମୟରେ ଏହାକୁ ପିନ୍ଧିଲେ ଥଣ୍ଡା ଲାଗିଥାଏ।

**ଫେଡୋରା ହ୍ୟାଟ୍–** ପ୍ରଥମେ ଏହି ହ୍ୟାଟ୍‌କୁ ବି ପୁରୁଷମାନେ ପିନ୍ଧୁଥିଲେ। କିନ୍ତୁ ସମୟ ବଦଳିବା ସହ ଏହାର ଷ୍ଟାଇଲ୍, କଲର୍, ସାଜସଜ୍ଜା, ମ୍ୟାଟେରିଆଲ୍, ଫ୍ଲୋରାଲ୍ ଆରେଞ୍ଜମେଣ୍ଟରେ ମଧ୍ୟ ପରିବର୍ତ୍ତନ ଆସିଲା। ଆଉ ମହିଳାଙ୍କର ହୋଇଗଲା ବହୁତ ପ୍ରିୟ। ଫ୍ଲୋରାଲ୍ ଡ୍ରେସ୍, ସ୍କର୍ଟ, ଜିନ୍ସ, ୱାନ୍‌ପିସ୍ ଡ୍ରେସ୍ ଓ ଜମ୍ପ ସୁଟ୍‌ସ ସହ ଏହାକୁ ପିନ୍ଧିପାରିବେ। କେବଳ ସେତିକି ନୁହେଁ ଲେୟର୍ଡ ଆଉଟ୍‌ଫିଟ୍ ସହ ଏହି ହ୍ୟାଟ୍, ବଡ଼ ସନ୍‌ଗ୍ଲାସ୍ ଓ କ୍ୟାମେଲ୍ ବୁଟ୍‌ସ ବହୁତ ଷ୍ଟାଇଲିସ୍ ଲାଗିଥାଏ। ଛୋଟ ବ୍ରିମ୍ ଥିବା ଏହି ହ୍ୟାଟ୍‌କୁ କେବଳ ଖରାଦିନେ ନୁହେଁ ବର୍ଷର ଯେକୌଣସି ସମୟରେ ପିନ୍ଧିପାରିବେ। ଉଭୟ ଫର୍ମାଲ୍ ଓ କାଜୁଆଲ୍ ଆଉଟ୍‌ଫିଟ୍ ସହ ଏହା ଭଲ ଲାଗିଥାଏ। ଉଲ୍ ଓ କଟନ୍‌ରେ ତିଆରି ଫେଡୋରା ବହୁତ ଫର୍ମାଲ। ଏହା ସ୍ମାର୍ଟ ମର୍ଡନ ଆଉଟ୍‌ଫିଟ୍ ସହ ଭଲ ଲାଗେ। ଅନ୍ୟପକ୍ଷେ ନଡାରେ ତିଆରି ହ୍ୟାଟ୍ ବହୁତ କାଜୁଆଲ୍। ଏହା କାଜୁଆଲ୍ ଆଉଟ୍‌ଫିଟ୍ ସହ ଭଲ ଲାଗେ। ଡଲି ଷ୍ଟାଇଲ୍, ଏମିତି କି ପିକ୍‌ନିକ୍ ପାଇଁ ବି ଏହା ବେଶ୍ ମାନେ।

**ଫ୍ଲପି ହ୍ୟାଟ୍–** ଏହି ହ୍ୟାଟ୍‌ରେ ଉଭୟ ବୋହେମିଆନ୍ ଓ ହିପ୍ପି କଲଚର୍‌ର ଛାପ ଦେଖିବାକୁ ମିଳେ। ଲମ୍ବା ଓ ସାମାନ୍ୟ କର୍ଲ କେଶ ଥିବା ଯୁବତୀମାନେ ଏହାକୁ କ୍ୟାରି କଲେ ବହୁତ ଭଲ ଲାଗିଥାଏ। ଏହାର ବ୍ରିମ୍ ବଡ ଓ ଫ୍ଲପି ହୋଇଥାଏ। ଅର୍ଥାତ୍ ବ୍ରିମ୍‌ଟି ଷ୍ଟ୍ରଙ୍ଗ ବା ସଲିଡ୍ ଜିନିଷରେ ତିଆରି ହୋଇ ନ ଥାଏ। ଫଳରେ ବ୍ରିମ୍ ସିଧା ହୋଇ ନ ରହି ବଙ୍କା ଟଙ୍କା ହୋଇ ରହିଥାଏ। ଆଉ ତାହା ବେଶ୍ ଷ୍ଟାଇଲିଶ୍ ଲୁକ୍ ଦିଏ। ପ୍ଲେଶୁଟ୍, ଫ୍ଲୋରାଲ୍ ଡ୍ରେସ୍, ଜିନ୍ସ ସହ ଯେ କୌଣସି କାଜୁଆଲ୍ ସମର୍ ଡ୍ରେସ୍ ସହ ଏହି ହ୍ୟାଟ୍‌କୁ ପିନ୍ଧିପାରିବେ।

**ୱାଇଡ୍ ବ୍ରିମ୍‌ଡ ହ୍ୟାଟ୍–** ଏହି ହ୍ୟାଟ୍ ମହିଳାମାନଙ୍କର ବହୁତ ପ୍ରିୟ। ଏହାର ବ୍ରିମ୍ ୱାଇଡ୍ ହୋଇଥିବାରୁ ସୂର୍ଯ୍ୟକିରଣରୁ ରକ୍ଷା ମିଳିବା ସହ ଏହା ଓଭାଲ, ରାଉଣ୍ଡ ଓ ଡାଇମଣ୍ଡ ଆକାରର ଚେହେରା ଥିବା ମହିଳାଙ୍କୁ ଭଲ ମାନିଥାଏ। ବିଚ୍‌କୁ ହେଉ କି ପିକ୍‌ନିକ୍ ଯାଆନ୍ତୁ ଏହାକୁ ପିନ୍ଧିପାରିବେ। ଲଙ୍ଗ ଡ୍ରେସ୍ କିମ୍ବା ଜିନ୍ସ ଓ ଟି ଶର୍ଟ ସହ ବି ଏହା ଭଲ ଲାଗେ। ଏହି ହ୍ୟାଟ୍‌କୁ ସହଜରେ ରୋଲ୍ କରି ଛୋଟିଆ ବ୍ୟାଗ୍‌ରେ ରଖି ବୁଲି ଯାଉଥିବାବେଳେ ନେଇପାରିବେ।

## ଟିପ୍ସ

୧.ମୁହଁର ଆକାର ଅନୁସାରେ ହ୍ୟାଟ୍ ଚୟନ କରିବା ଭଲ। ଓଭାଲ ଶେପ୍‌ର ଚେହେରା ଥିବା ଯୁବତୀ ଓ ମହିଳାମାନେ ଯେକୌଣସି ହ୍ୟାଟ୍ ପିନ୍ଧିପାରିବେ। ଗୋଲାକାର ଚେହେରା ହୋଇଥିଲେ ଫେଡୋରା ହ୍ୟାଟ୍ ଭଲ ମାନେ। ସେମାନେ ହାଇ କ୍ରାଉନ୍ ଥିବା ହ୍ୟାଟ୍ ବି ବାଛିପାରିବେ। ହେଲେ ଗୋଲାକାର କ୍ରାଉନ୍(ମଝିର ଗୋଲେଇ) ଥିବା ହ୍ୟାଟ୍‌ଠାରୁ ଦୂରେଇ ରୁହନ୍ତୁ। ଓବ୍‌ଲଙ୍ଗ ଫେସ୍ ହୋଇଥିଲେ ୱାଇଡ୍ ବ୍ରିମ୍ ହ୍ୟାଟ୍ ବାଛିପାରିବେ। ଏହାକୁ ପିନ୍ଧିଲେ ଚେହେରାର ଲମ୍ବ କମ୍ ଲାଗେ।

୨. ପୋଷାକ ସହ ହ୍ୟାଟ୍‌ର ରଙ୍ଗ ମ୍ୟାଚ୍ ଓ କମ୍ପ୍ଲିମେଣ୍ଟ କରିବା ଜରୁରୀ। ନ୍ୟୁଟ୍ରାଲ୍ ଓ ପାଷ୍ଟେଲ୍ କଲର୍ ପୋଷାକ ସହ ବ୍ରାଇଟ୍ କଲର୍ ହ୍ୟାଟ୍ ଭଲ ଲାଗିଥାଏ। ଖରାରୁ ସୁରକ୍ଷା ପାଇବା ସହ ସବୁ ପୋଷାକ ସହ ଭଲ ଲାଗିବା ଭଳି ହ୍ୟାଟ୍ ଚାହୁଁଥିଲେ, ଡାର୍କ ଟୋନ୍ ହ୍ୟାଟ୍ ଓ ନାଚୁରାଲ୍ ଦେଖାଯାଉଥିବାଭଳି ହ୍ୟାଟ୍ ଯେମିତିକି ନଡାରେ ତିଆରି ୱାଇଡ୍ ବ୍ରିମ୍‌ଡ କିମ୍ବା ଫେଡୋରା ହ୍ୟାଟ୍ ବାଛିପାରିବେ।

୩.ଖରାଦିନେ ସବୁବେଳେ ହାଇ କ୍ୱାଲିଟିର ଏବଂ ୱେଲ୍ ଭେଣ୍ଟିଲେଟେଡ୍ ହ୍ୟାଟ୍ ବାଛନ୍ତୁ। ଯଦ୍ୱାରା ମୁଣ୍ଡ ଥଣ୍ଡା ରହିବ। ସନ୍ ହ୍ୟାଟ୍‌ରେ ଭଲ ଭେଣ୍ଟିଲେଶନ୍ ବ୍ୟବସ୍ଥା ଥାଏ। ତେଣୁ ଏହାକୁ ବି ବାଛିପାରିବେ।

୪. ହ୍ୟାଟ୍ କିଣିବା ପୂର୍ବରୁ ଟ୍ରାଏ କରି କିଣନ୍ତୁ। ପରଫେକ୍ଟ ଫିଟ୍ ହେଉଥିବା ଓ ଚେହେରାକୁ ମାନୁଥିବା ହ୍ୟାଟ କିଣନ୍ତୁ।












# ସତ୍ୟବାଦୀ ପଞ୍ଚସଖାଙ୍କ ଗାଁ

**ପ୍ରଥମେ ବୈଷ୍ଣବୀୟ ପଞ୍ଚସଖା ଓଡ଼ିଶାରେ ସତ୍ୟ, ଧର୍ମର ବୀଜ ବପନ କରିଥିଲେ। ସେହିପରି ଦ୍ୱିତୀୟରେ ଓଡ଼ିଶାରେ ଶିକ୍ଷା, ସମାଜସେବା ଜରିଆରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ସତ୍ୟବାଦୀ ପଞ୍ଚସଖା ଦେବଦୂତ ସାଜିଥିଲେ, ସେହି ପଞ୍ଚସଖାଙ୍କ ଗାଁ ସମ୍ପର୍କରେ...**




ପ୍ରଥମେ ଷୋଡ଼ଶ ଶତାବ୍ଦୀର ଆଦ୍ୟଭାଗରେ ବୈଷ୍ଣବୀୟ ପଞ୍ଚସଖା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ପଞ୍ଚ ସିଦ୍ଧ ମହାପୁରୁଷଙ୍କ ଆବିର୍ଭାବ ଆଧ୍ୟାତ୍ମିକ ଧାରାରେ ଓଡ଼ିଶାରେ ସତ୍ୟ, ଧର୍ମ, ନ୍ୟାୟ ଓ ଈଶ୍ୱର ବିଶ୍ୱାସର ବୀଜ ବପନ କରିଥିଲା। ସେହି ବୈଷ୍ଣବୀୟ ପଞ୍ଚସଖା ହେଲେ ପରମଭକ୍ତ ଅତିବଡି ଶ୍ରୀ ଜଗନ୍ନାଥ ଦାସ, ଶ୍ରୀ ବଳରାମ ଦାସ, ଶ୍ରୀ ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ। ସେମାନେ ନିଷ୍କାମ ସାଧନା ବଳରେ ବଳିଷ୍ଠ କାବ୍ୟ, କବିତା ଓ ପୁରାଣ ଶାସ୍ତ୍ରମାନ ରଚନା କରି ଭକ୍ତିମାର୍ଗର ପ୍ରବର୍ତ୍ତକ ଭାବରେ ଇତିହାସ ପୃଷ୍ଠା ମଣ୍ଡନ କରିଥିଲେ। ସେହିପରି ଦ୍ୱିତୀୟରେ ବିଂଶ ଶତାବ୍ଦୀର ଅୟମାରମ୍ଭ ସମୟରେ ଓଡ଼ିଶାରେ ଶିକ୍ଷା, ସଂସ୍କାର, ସାହିତ୍ୟ, ସମାଜସେବା ଜରିଆରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରି ଗଢ଼ିତୋଳିବା ନିମନ୍ତେ ସତ୍ୟବାଦୀ ପଞ୍ଚସଖା ଦେବଦୂତ ସାଜିଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କୁ ହିଁ ସତ୍ୟବାଦୀ ପଞ୍ଚସଖା ବା ନୂତନ ସମୟର ପଞ୍ଚସଖା ବୋଲି ସମ୍ବୋଧନ କରାଯାଇଥାଏ।

### ସତ୍ୟବାଦୀ ପଞ୍ଚସଖାଙ୍କ ସମ୍ପର୍କରେ

ବଢ଼ି, ମରୁଡ଼ି, ରୋଗ ଯନ୍ତ୍ରଣା, ଦାରିଦ୍ର୍ୟ ତଥା ଅନ୍ଧ ବିଶ୍ୱାସର କରୁଣ ପରିଣତିର ସମ୍ମୁଖୀନ ହୋଇ ଓଡିଶାବାସୀ ଯେତେବେଳେ ଦୁଃଖରେ ସମୟ କାଟୁଥିଲେ ସେତେବେଳେ ଏହି ଯନ୍ତ୍ରଣାରୁ ମୁକ୍ତି ଦେବାପାଇଁ ସତ୍ୟବାଦୀ ପଞ୍ଚସଖା ଦେବଦୂତ ଭାବେ ଉଭା ହୋଇଥିଲେ। ଉଚ୍ଚଶିକ୍ଷା କରିବା ପରେ ସେମାନେ ପରିବାରର ଆଭିଜାତ୍ୟଠାରୁ ଦୂରେଇ ଦୀନ, ଦୁଃଖୀ ଓଡ଼ିଆମାନଙ୍କର ସେବାରେ ସମର୍ପିତ ହୋଇ ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ସଂକଳ୍ପବଦ୍ଧ ହେଲେ। ଶିକ୍ଷା, ସଂସ୍କାର, ସାହିତ୍ୟ ତଥା ସମାଜସେବା ଜରିଆରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରି ଗଢ଼ିତୋଳିବା ନିମନ୍ତେ ସତ୍ୟବାଦୀରୁ ସେମାନେ ଉଦ୍ୟମ ଆରମ୍ଭ କରିଥିଲେ। ବିଂଶ ଶତାବ୍ଦୀର ଅୟମାରମ୍ଭରେ ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ସୁଆଣ୍ଡୋ ଗ୍ରାମ ନିକଟରେ ପ୍ରବାହିତ ପୁଣ୍ୟତୋୟା ଭାର୍ଗବୀ ନଦୀ ତଟରେ କୁମାର ପୂର୍ଣ୍ଣମୀର ଜ୍ୟୋସ୍ନାଲୋକରେ ପ୍ରଥମେ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ ଓ ଆଚାର୍ଯ୍ୟ ହରିହର ମିଶି ଶପଥ ନେଇଥିଲେ ଯେ, 'ଆମେ ଜ୍ଞାନ ଅର୍ଜନ ପାଇଁ ପଢିବା ମାତ୍ର ନିଜ ସ୍ୱାର୍ଥ ପାଇଁ ସରକାରୀ ଚାକିରି କରିବା ନାହିଁ। ଦରିଦ୍ର ଜନଙ୍କର ସେବା କରି ଦେଶ ପାଇଁ କିଛି କରିବା। ଦେଶକୁ ବର୍ତ୍ତମାନ ଯେମିତି ଦେଖୁଛେ ମରିବା ଆଗରୁ ଭିନ୍ନ ରୂପରେ ଦେଖିବା'। ଏଥିପାଇଁ ଶିକ୍ଷାର ପ୍ରସାର ଅପରିହାର୍ଯ୍ୟ ମଣି ଏଦିଗରେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ସହାୟତାକୁ ଭ୍ରୂକ୍ଷେପ ନ କରି ଶିକ୍ଷାଦାନ ପାଇଁ ସତ୍ୟବାଦୀ ଗୋପୀନାଥ ଦେବଙ୍କର ବକୁଳବନରେ ଗୁରୁକୁଳ ଢାଞ୍ଚାରେ ବନ ବିଦ୍ୟାଳୟ ଗଢ଼ିବାର ପରିକଳ୍ପନାକୁ ଶେଷରେ ସେମାନେ ବାସ୍ତବ ରୂପ ଦେଇଥିଲେ। ସୂଚନାଥାଉ କି, ସେହିଠାରୁ ତତ୍କାଳୀନ ବିକଶିତ ଓଡ଼ିଶାର ଶୁଭାରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର ଏହି ଅଭିଯାନରେ ସେମାନଙ୍କ ସହ ଯୋଗ ଦେଇଥିଲେ। ଇତିମଧ୍ୟରେ ବହୁ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ସମୟ ସ୍ରୋତରେ ସେହି ଦିବଂଗତ ମହାପୁରୁଷମାନଙ୍କର ଭିଟାମାଟିରେ ରହିଯାଇଥିବା କିଛି ଅଭୁଲା ସ୍ମୃତିକୁ ସାଉଁଟି ଏହି ଉପସ୍ଥାପନା ଜରିଆରେ ସେମାନଙ୍କର ସେବା, ତ୍ୟାଗ ଓ ଭଲପାଇବାର ମହନୀୟତା ଗୁଣକୁ ପୁଣିଥରେ ମନେପକାଇବାକୁ ପ୍ରୟାସ କରାଯାଇଛି।







### ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ

ପୁରୀ ଜିଲା ସତ୍ୟବାଦୀ ବ୍ଲକ ବିଦ୍ୟାଧରପୁର ଗ୍ରାମପଞ୍ଚାୟତ ଅଧୀନ ଏକ ଅନୁନ୍ନତ ଗ୍ରାମ ସୁଆଣ୍ଡୋରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ଗୋପବନ୍ଧୁ ଜନ୍ମ ଗ୍ରହଣ କରିଥିଲେ। ପିତାଙ୍କ ନାମ ଦୈତାରୀ ଦାସ ଏବଂ ମାତାଙ୍କ ନାମ ସ୍ୱର୍ଣ୍ଣମୟୀ ଦେବୀ। ପିଲାଟି ଦିନୁ ମା' ଛେଉଣ୍ଡ ଗୋପବନ୍ଧୁ ପିତା ଓ ପିଉସୀଙ୍କ ଆଦର ଯତ୍ନରେ ବଢ଼ିଥିଲେ। ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷାପରେ ପୁରୀ ଜିଲାସ୍କୁଲରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ତା'ପରେ କଲିକତା ବିଶ୍ୱବିଦ୍ୟାଳୟରୁ ଏଣ୍ଟ୍ରାନ୍ସ ପାସ୍ କରିବା ପରେ କଟକ ରେଭେନ୍ସାରେ ବି.ଏ. ପଢ଼ିଥିଲେ। ୧୯୦୪ ମସିହା ବନ୍ୟାରେ ଘରଦ୍ୱାର ଭାସିଯାଇ ଲୋକେ ଖୋଲା ଆକାଶ ତଳେ ପଡିଥିବା ଖବର ପାଇ ଗୋପବନ୍ଧୁ ବନ୍ୟାଞ୍ଚଳରେ ଚୁଡା, ଚାଉଳ ନେଇ ବାଣ୍ଟିବାକୁ ଯାଇଥାନ୍ତି। ସେହି ସମୟରେ ଏକମାତ୍ର ରୋଗାକ୍ରାନ୍ତ ପୁଅକୁ ଛାଡି ନ ଯିବାକୁ ପତ୍ନୀ ଓ ପରିବାର ଲୋକେ ବାରଣ କରିଥିଲେ ମଧ୍ୟ ସେ କାହାରି କଥା ନ ଶୁଣି ବନ୍ୟାଞ୍ଚଳକୁ ଚାଲିଯାଇଥିଲେ, ଯଦ୍ୱାରା ତାଙ୍କୁ ସେତେବେଳେ ଏକମାତ୍ର ପୁଅକୁ ହରାଇବାକୁ ପଡିଥିଲା। ୧୯୦୬ ମସିହାରେ କଲିକତାରେ ଆଇନ ପରୀକ୍ଷା ଦେଇ ସେ ଆଇନ୍‌ରେ ଡିଗ୍ରୀ ହାସଲ କରିଥିଲେ। ବାଲେଶ୍ୱରସ୍ଥିତ ନୀଳଗିରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରହିଥିବା ବେଳେ ତାଙ୍କ ପତ୍ନୀଙ୍କର ଦେହାନ୍ତ ହୋଇଥିଲା। ୨୯ ବର୍ଷ ବୟସ ଗୋପବନ୍ଧୁଙ୍କର ସେତେବେଳେ କେବଳ ଦୁଇଟି କନ୍ୟା ରହିଥିଲେ। ପୁରୀ ଫେରିଆସି ଗୋପବନ୍ଧୁ ଓକିଲାତି କରିବା ପରେ ଶିକ୍ଷାର ବିକାଶ ବିନା ସମାଜର ବିକାଶ ସମ୍ଭବ ନୁହେଁ ଏକଥା ଚିନ୍ତାକରି ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷା, ସଂସ୍କୃତି, ସାହିତ୍ୟ, ସମାଜସେବା ଠାରୁ ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପୁରୀଠାରୁ ପ୍ରାୟ ୨୬ କିଲୋମିଟର ଓ ଭୁବନେଶ୍ୱରଠାରୁ ପାଖାପାଖି ୪୨ କିଲୋମିଟର ଦୂରରେ ଅବସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ଏହି ସୁଆଣ୍ଡୋ ଗ୍ରାମ। ଭୁବନେଶ୍ୱର- ପୁରୀ ଜାତୀୟ ରାଜପଥ ପଟ୍ଟନାୟିକିଆ ଛକଠାରୁ ପ୍ରାୟ ୬ କିଲୋମିଟର ଦୂରରେ ଭାର୍ଗବୀ ନଦୀ ପାର୍ଶ୍ୱକୁ ଲାଗି ରହିଛି ଉତ୍କଳମାତାର ଏହି ସୁଯୋଗ୍ୟ ସନ୍ତାନଙ୍କ ଗ୍ରାମ। ନଦୀବନ୍ଧକୁ ଲାଗି

→

















ରହିଛି ଗ୍ରାମର ଦେବୀ ମା' ଜଗେଶ୍ୱରୀଙ୍କ ପୁରୁଣା ମନ୍ଦିର। ସେହି ମନ୍ଦିରରେ ଏକଦା ଗୋପବନ୍ଧୁ ଅନ୍ୟସାଥୀ ଯଥା: ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ସହିତ ଏକାଠି ବସି ଓଡ଼ିଶାବାସୀଙ୍କର ଦୁର୍ଦ୍ଦିନରେ ସାହା ହେବାକୁ ଆଲୋଚନା କରିଥିଲେ। ନଦୀ ଆରପାରି ବଳପୁର ଶ୍ମଶାନରେ ଜଳୁଥିବା ଏକ ଜୁଇନିଆଁକୁ ସାକ୍ଷୀରଖି ଓଡ଼ିଶାକୁ ଏବେ ଯେପରି ଦେଖୁଛେ ନିଜେ ମରିବା ପୂର୍ବରୁ କିଛି ନୂଆ ରୂପେ ଦେଖିବାକୁ ସେହିଠାରେ ସେମାନେ ଶପଥ ନେଇଥିଲେ। ଏହି ମହାନ୍ ଚିନ୍ତା ଚେତନାର ସତୀର୍ଥ ପଞ୍ଚସଖାମାନଙ୍କର ପ୍ରତିମୂର୍ତ୍ତି ଏବେ ସେହିଠାରେ ଆକର୍ଷଣୀୟ ମଣ୍ଡପରେ ସ୍ଥାନିତ ହୋଇଥିବା ଦେଖିବାକୁ ମିଳୁଛି। ତେବେ ଉତ୍କଳମାତାର ଜଣେ ସୁଯୋଗ୍ୟ ସନ୍ତାନ କୁହାଯାଉଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଶେଷରେ ୧୯୨୮ ମସିହା ଜୁନ୍ ୧୭ ତାରିଖରେ ମୃତ୍ୟୁ ହୋଇଥିଲା। ଦେହତ୍ୟାଗ କରିବାର ଏତେ ବର୍ଷ ପରେ ବି ତାଙ୍କ ଜନ୍ମପୀଠରେ ତାଙ୍କର ଅନେକ ସ୍ମୃତି ଚିହ୍ନ ଏବେ ବି ଦେଖିବାକୁ ମିଳେ। ଯେମିତି କି ଗୋପବନ୍ଧୁଙ୍କ ଭିଟାମାଟିର ଦ୍ୱାରଦେଶରେ ଥିବା ପାହାଚ ଉପରକୁ ଉଠିବା ମାତ୍ରେ ଗୋପବନ୍ଧୁଙ୍କ ପୂର୍ବ ପୁରୁଷର କୁଳ ଦେବତା ଶ୍ରୀବିନୋଦ ବିହାରୀଙ୍କ କଳା ମଚମଚ ମୁଗୁନି ପ୍ରସ୍ତର ମୂର୍ତ୍ତି ଓ ଶ୍ରୀରାଧାଙ୍କ କମନୀୟ ରୂପ ଲାବଣ୍ୟ, ଆସନ ଉପରେ ଭାଗବତ ପୋଥି, ଶାଳଗ୍ରାମ ଓ ଅନ୍ୟ ଦେବଦେବୀ ପୂଜା ପାଉଥିବା ଦେଖିପାରିବେ। ପରିବାରର ପ୍ରଚଳିତ ପରମ୍ପରା କ୍ରମେ ଗୋପବନ୍ଧୁ ପାଠ କରୁଥିବା ସେହି ପୁରୁଣା ଭାଗବତ ପୋଥି ଆଉ ନ ଥିଲେ ମଧ ପରିବାରର ଉତ୍ତରାଧିକାରୀ ଏବେ ବି ଠାକୁରଙ୍କ ନିକଟରେ ପ୍ରତିଦିନ ଭାଗବତ ପାଠ କରୁଛନ୍ତି। ଦାଣ୍ଡଘର ଅତିକ୍ରମ କରିବା ପରେ ପଡିବ ମାଟିରେ ତିଆରି ଏକ ଆଟୁ ଘର, ଯାହା ହେଉଛି ଗୋପବନ୍ଧୁଙ୍କର ଷଠିଘର। ଆଟୁ ଭାଙ୍ଗି ଯାଇଥିଲେ ମଧ ତନ୍ମଧରେ ଗୋପବନ୍ଧୁଙ୍କ ସମୟର କାଠ ପଲଙ୍କ, ପିଢ଼ା, ଦୀପ, ରୁଖା, ପିତଳ ଡାଳ ସହିତ ବିରାଜିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ମୃତି ସନ୍ତକ ଭାବେ ଏବେ ବି ମୂକସାକ୍ଷୀ ହୋଇ ରହିଛି। ଜନ୍ମ ଓ ଶ୍ରାଦ୍ଧୋତ୍ସବ ଅବସରରେ ଏହି ପୁଣ୍ୟାତ୍ମାଙ୍କ ପୂଜାର୍ଚ୍ଚନା ପାଇଁ ଗାଁ ଦାଣ୍ଡରେ ବାସଗୃହ ସମ୍ମୁଖରେ ଆଉ ଏକ ପ୍ରତିମୂର୍ତ୍ତି ମଧ ସ୍ଥାପନା କରାଯାଇଛି। ପ୍ରତିବର୍ଷ ଗୋପ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଳୁମାନଙ୍କର ଏଠାରେ ଭିଡ ବି ଲାଗୁଛି। ତେବେ ଗୋପବନ୍ଧୁଙ୍କ ଭିଟାମାଟିକୁ ଜାତୀୟ ସ୍ମାରକୀ ଭାବରେ ଘୋଷଣା କରି ଏହାକୁ ଆକର୍ଷଣୀୟ କରିବାକୁ ସରକାର ଦୀର୍ଘଦିନ ଧରି ପ୍ରତିଶ୍ରୁତି ଦେଇଥିଲେ ମଧ ଅଦ୍ୟାବଧି ଏହା ସମ୍ଭବ ହୋଇ ପାରି ନ ଥିବା କଥା ଏଠାରେ ରହୁଥିବା ଗୋପବନ୍ଧୁଙ୍କର ଜଣେ ଅଣନାତି ରବୀନ୍ଦ୍ରନାଥ ଦାସ କହିଛନ୍ତି।

## ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମସ୍ଥଳୀ

ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ପଣ୍ଡିତ ନୀଳକଣ୍ଠ ଦାସ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଶାସନରେ ୧୮୮୪ ମସିହା ଅଗଷ୍ଟ ୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଥିଲେ ଏକାଧାରାରେ ଜଣେ କବି, ଦାର୍ଶନିକ, ସାହିତ୍ୟିକ, ସଂସ୍କାରକ, ଦେଶସେବକ ଓ ଶିକ୍ଷାବିତ୍। ତାଙ୍କର ପିତା ଥିଲେ ଆନନ୍ଦ ଦାସ ଓ ମାତା ହାରା ଦେବୀ। ସମୃଦ୍ଧ ଓଡ଼ିଶା ଗଠନ କରିବା ଦିଗରେ ପଣ୍ଡିତ ଗୋପବନ୍ଧୁଙ୍କର ଜଣେ ସହଯୋଗୀ ତଥା ସଖା ଭାବେ ପଣ୍ଡିତ ନୀଳକଣ୍ଠର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଦୀନ, ଦୁଃଖୀ ଓଡ଼ିଆମାନଙ୍କର ସେବାରେ ନିଜ ଜୀବନକୁ ଉତ୍ସର୍ଗୀକୃତ କରି ଦେଇଥିବା ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ଶେଷରେ ୧୯୬୭ ମସିହା ନଭେମ୍ବର ୬ ତାରିଖରେ ମୃତ୍ୟୁ ହୋଇଥିଲା। ଏବେ ବି ତାଙ୍କ ଗ୍ରାମରେ ତାଙ୍କର ଏକ ପୁରୁଣା କୋଠା ଘର ରହିଥିବା ଦେଖିବାକୁ ମିଳେ। କିନ୍ତୁ ସେଠାରେ ତାଙ୍କ ପରିବାରର କେହି ରହୁ ନାହାନ୍ତି ବରଂ ଏବେ ସେଠାରେ ଉକ୍ତ ଗ୍ରାମର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚାଲୁଅଛି। ତେବେ ଏହି ଘରର ଗୋଟିଏ କୋଠରିରେ ନୀଳକଣ୍ଠ ବ୍ୟବହାର କରୁଥିବା ପୁରୁଣା କାଠ ଚୌକି, ଟେବୁଲ, ଆଲମାରିରେ କିଛି ବହି ଓ ବାଡି ଇତ୍ୟାଦି ଜିନିଷକୁ ସାଇତିକି ରଖାଯାଇଛି। ଘର ସମ୍ମୁଖରେ ନୀଳକଣ୍ଠଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ ମଧ କରାଯାଇଛି। ରାଜ୍ୟ ସାହିତ୍ୟ ଏକାଡେମୀ ତରଫରୁ ପ୍ରତିବର୍ଷ ଏଠାରେ ନୀଳକଣ୍ଠ ଜୟନ୍ତୀ ଉତ୍ସବ ପାଳନ କରାଯାଉଥିବା ସୂଚନା ବି ରହିଛି।

## ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମଭୂମି

ସେବା ଓ ସ୍ନେହର ମୂର୍ତ୍ତିମନ୍ତ ପ୍ରତୀକ ଆଚାର୍ଯ୍ୟ ହରିହରଙ୍କ ତ୍ୟାଗପୂତ ଜୀବନ ବେଶ୍ ସ୍ୱତନ୍ତ୍ର। ସତ୍ୟବାଦୀ ଯୁଗର ଶେଷ ଦୀପଶିଖା ଭାବରେ ସେ ସବୁ ସମୟରେ ଭଲମଣିଷ ହୁଅ ବାର୍ତ୍ତାରେ ସଭିଙ୍କୁ ଆଶିଷ ଦେଉଥିଲେ। ପୁରୀ ଜିଲା ସତ୍ୟବାଦୀ ବ୍ଲକ୍ ଶ୍ରୀରାମଚନ୍ଦ୍ରପୁର ଶାସନରେ ୧୮୭୮ ଫେବୃୟାରୀ ୧୨ ତାରିଖରେ ପିତା ନୈଷ୍ଠିକ ପଣ୍ଡିତ ମହାଦେବ ବ୍ରହ୍ମା ଓ ମାତା ଶ୍ରଦ୍ଧା ଦେବୀଙ୍କ କୋଳ ମଣ୍ଡନ କରିଥିଲେ ହରିହର। ପିତାଙ୍କ ବ୍ରହ୍ମା ଉପାଧିକୁ ପରିତ୍ୟାଗ କରି ସେ ନିଜକୁ ସତ୍ୟବାଦୀ ଯୁଗର ସେବକ ଭାବରେ ପ୍ରତିପାଦନ କରିବାକୁ ଶ୍ରେୟ ମଣିଥିଲେ। ଏପରି କି ପରିବାରଠାରୁ ତାଙ୍କ ସମ୍ପତ୍ତିର ଭାଗ ବି ସେ ଗ୍ରହଣ କରି ନ ଥିଲେ। ସେ ସମୟରେ ଭୂଦାନ ଯଜ୍ଞ ସମିତି, ସର୍ବୋଦୟ ଆନ୍ଦୋଳନ ଭଳି କେତେକ ସଂଗଠନ ଜରିଆରେ ସେବାକୁ ପ୍ରାଧାନ୍ୟ ଦେଇଥିଲେ ହରିହର। ୧୯୭୧ ମସିହା ଫେବୃୟାରୀ ୨୧ ତାରିଖରେ ଇହଲୀଳା ସମ୍ବରଣ କରିଥିବା ହରିହରଙ୍କର ଏବେ ଗ୍ରାମରେ କୌଣସି ଘର ନାହିଁ। କିନ୍ତୁ ତାଙ୍କର କେତେଜଣ ସମ୍ପର୍କୀୟ ଏବେ ବି ଏହି ଗାଁରେ ଅଛନ୍ତି। ଆଉ ତାଙ୍କ ସ୍ମୃତିରେ ଗ୍ରାମରେ ନିର୍ମାଣ କରାଯାଇଛି ଆଚାର୍ଯ୍ୟ ଯୁବ ପରିଷଦ ଏବଂ ପରିଷଦ କାର୍ଯ୍ୟାଳୟ ନିକଟରେ ରହିଛି ହରିହରଙ୍କ ମଣ୍ଡପ ଓ ପ୍ରତିମୂର୍ତ୍ତି। ସେହିପରି ସତ୍ୟବାଦୀରେ ଆଚାର୍ଯ୍ୟଙ୍କ ସ୍ମୃତିରେ ଆଚାର୍ଯ୍ୟ ହରିହର ଶିଶୁ ଭବନ ନିର୍ମାଣ କରାଯାଇ ସେଠାରେ ଅସହାୟ ପିଲାମାନଙ୍କୁ ଆଶ୍ରୟ ଦିଆଯାଉଥିବା ବେଳେ, ପୁରୀରେ ରହିଛି ଆଚାର୍ଯ୍ୟ ହରିହର ରକ୍ତ ଭଣ୍ଡାର ଏବଂ କଟକରେ ଆଚାର୍ଯ୍ୟ ମହାଶୟଙ୍କ ନାମରେ ରହିଛି ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ।

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜନ୍ମଭୂମି

ପଣ୍ଡିତ ଗୋଦାବରୀଶ ମିଶ୍ର ଖୋର୍ଦ୍ଧା ଜିଲା ବାଣପୁର ଥାନା ବାଣପୁର ସହରାଞ୍ଚଳର ଶ୍ରୀନିବାସପୁର ଗ୍ରାମରେ ୧୮୮୬ ମସିହା ଅକ୍ଟୋବର ୨୬ ତାରିଖରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଶ୍ରୀନିବାସପୁର ସେ ସମୟରେ ପୁରୀ ଜିଲାର ଅନ୍ତର୍ଭୁକ୍ତ ଥିଲା। ପିତା ଲିଙ୍ଗରାଜ ମିଶ୍ର ଓ ମାତା ଅପସରା ଦେବୀଙ୍କ ବିବାହର ଦଶବର୍ଷ ପର୍ଯ୍ୟନ୍ତ ସନ୍ତାନଟିଏ ନ ହେବାରୁ ପବିତ୍ର ଗୋଦାବରୀ ନଦୀରେ ପୁତ୍ରଟିଏ କାମନା କରି ବୁଡ ପକାଇଥିଲେ। ଗୋଦାବରୀ ତୀର୍ଥଯାତ୍ରା ପରେ ପୁତ୍ର ଲାଭ ହୋଇଥିବାରୁ ସେମାନେ ପୁଅର ନାମ ଗୋଦାବରୀ ରଖିଥିଲେ। କିନ୍ତୁ ଭକ୍ତକବି ମଧୁସୂଦନ ସ୍କୁଲ ପରିଦର୍ଶନ କରିବା ସମୟରେ ଗୋଦାବରୀକୁ ଏକ ବାଳିକା ନାମ କହି ଶେଷରେ 'ଶ' ଯୋଗ କରିବାକୁ ପରାମର୍ଶ ଦେବା ପରେ ପରବର୍ତ୍ତୀ ସମୟରେ ତାଙ୍କ ନାମ ଗୋଦାବରୀଶ ହୋଇଥିଲା। ପିଲାଦିନରେ ତାଙ୍କ ମୁଣ୍ଡର ଚୁଟି ଜଟ ହୋଇଥିବାରୁ ଅନେକେ ତାଙ୍କୁ ଜଟିଆ ବାବା ବୋଲି ବି ଡାକୁଥିଲେ। ପୁରୀ ସିଂହ ଦ୍ୱାରଠାରେ ଗୋଦାବରୀଶଙ୍କର ଗୋପବନ୍ଧୁଙ୍କ ସହିତ →






# ଗଛ ମୋ ଜୀବନ



ଦିନକୁ ଦିନ ପୃଥିବୀ ପୃଷ୍ଠରୁ ପ୍ରାକୃତିକ ଜଙ୍ଗଲ କ୍ଷୟ ହେଉଛି, ଯାହା କି ପରିବେଶ ସନ୍ତୁଳନରେ ସମସ୍ୟା ଡାକିଆଣୁଛି। ଏପରି କି ଜନଜୀବନ ପ୍ରତି ବିପଦ ମାଡ଼ିଆସୁଛି। ଜଙ୍ଗଲ ସୁରକ୍ଷା ଜୀବନରକ୍ଷା ଏହି କଥାକୁ ବୁଝିପାରିଥିବା କେତେକ ବ୍ୟକ୍ତି ବୃକ୍ଷରୋପଣକରି ନୂଆଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ପୁଣି କେହି କେହି ନିଜ ବାଡ଼ିବଗିଚାରେ ସବୁଜବନାନୀ ସୃଷ୍ଟି କରିଛନ୍ତି। ଏଥିପାଇଁ ଦିନେ କି ଦୁଇଦିନ ନୁହେଁ ବର୍ଷବର୍ଷ ଧରି ଗଛଲତାର ଯତ୍ନନେବାକୁ ପଡ଼ିଛି । ଅନେକ ସମସ୍ୟା ବାଟ ଓଗାଳିଥିଲେ ବି ଅଟକି ଯାଇନି ତାଙ୍କର ଉଦ୍ୟମ। ବରଂ ବୃକ୍ଷରୋପଣ ଯୋଗୁ ତାଙ୍କର ଏକ ନିଆରା ପରିଚୟ ସୃଷ୍ଟି ହୋଇପାରିଛି। ସିଏ ହେଲେ ଯୁଧିଷ୍ଠିର ପାତ୍ର। ଖୁସୀରେ ଗଛ ଲଗାଉ ଲଗାଉ ଏକ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ବୟସ ୭୮ ଟପି ସାରିଲାଣି। ଘର କଟକ ଜିଲା ବାରଙ୍ଗବ୍ଲକ କୁରାଙ୍ଗଶାସନ ଗ୍ରାମପଞ୍ଚାୟତର ଗଙ୍ଗେଶ୍ୱରଗଡ଼ରେ । ଫୁଲନଖରା ଛକଠାରୁ ପୂର୍ବକୁ ନିଆଳି ରାସ୍ତାରେ ପ୍ରାୟ ୮ କିମି ଦୂର ଆସିଲେ ପଡ଼ିବ କୁରାଙ୍ଗବଜାର। ସେଠାରୁ ଡାହାଣକୁ ପ୍ରାୟ୨କିମି ଦୂରରେ ଏହି ଗାଁ । ସେ କୁହନ୍ତି ପିଲାଟି ଦିନରୁ ଗଛଲଗାଇବାକୁ ଭଲପାଉଥିଲି । ଆଜକୁ ପ୍ରାୟ ୫୦ବର୍ଷ ତଳେ ଏଠାରେ ବିଭିନ୍ନ ଗଛଲତା ରୋପଣକରି ଆରମ୍ଭ କରିଥିଲି ଏକ ବଗିଚା । ପ୍ରତିଦିନ ସକାଳୁ ଓ ଅପରାହ୍ନ ସମୟରେ ଏହି ବଗିଚାକୁ ଯାଇ ଗଛଲତାର ଯତ୍ନନେଉଥିଲି । ଯାହା ଦଶଏକର ପରିମିତ ଜାଗାରେ ଏକ ସବୁଜସୁନ୍ଦର ଉଦ୍ୟାନରେ ପରିଣତ ହୋଇପାରିଛି। ଏହି ବଗିଚାରେ-ଆମ୍ବ, ପଣସ, ପିଜୁଳି, କଦଳି, ଜାମୁ, ଖଜୁରି, ତାଳ, ନଡ଼ିଆ, ଗୁଆ, ବରକୋଳି, କାଜୁ, ସପେଟା, ସଜନା, ଡାଳିମ୍ବ ଆଦି ପ୍ରାୟ୧ହଜାର ସଂଖ୍ୟକ ବିଭିନ୍ନ ଫୁଲଫଳ ଗଛଲତା ରହିଛି। ଏହି ପରିବେଶ ମଧ୍ୟରେ ତିନୋଟି ପୋଖରୀ ରହିଛି । ଗଛଲତା ମୂଳେ ଛୋଟଛୋଟ ପାଣିକୁଣ୍ଡ ରହିଛି। ସ୍ୱତଃପ୍ରବୃତ ଭାବେ ବିଭିନ୍ନ ଜୀବଜନ୍ତୁ ଏଠାରେ ବାସ କରିଥାନ୍ତି। ବିଭିନ୍ନ ସମୟରେ ଚଳପ୍ରଚଳ କରୁଥିବା ଜୀବଜନ୍ତୁ ଗଛରୁ ଫୁଲ, ଫଳ, କୋଳି ଖାଇବା ସହିତ ଗଛମୂଳେ ରଖାଯାଇଥିବା ଛୋଟଛୋଟ ପାଣିକୁଣ୍ଡିରୁ ପାଣି ପିଇଥାନ୍ତି। ବେଳେବେଳେ ବିଭିନ୍ନ ପକ୍ଷୀମାନଙ୍କ କିଚିରି ମିଚିରି ସ୍ୱର ଶୁଣିବା ସହିତ ସେମାନଙ୍କୁ ଦେଖିବାକୁ ମିଳିଥାଏ। ଏହି ବଗିଚା ମଧ୍ୟରେ ଚଳପ୍ରଚଳ କରୁଥିବା ଜୀବଜନ୍ତୁଙ୍କ ପ୍ରତି ଯେପରି କୌଣସି ବାଧା ନ ଉପୁଜେ ସେଥିପ୍ରତି ଧ୍ୟାନ ଦିଆଯାଇଥାଏ। ଏପରି କି ଏହି ପରିବେଶ ମଧରେ ବାଣଫୁଟାଇବା ମାଇକସାଉଣ୍ଡ କିମ୍ବା କୌଣସି ଜୋରରେ ଶବ୍ଦକରିବା ବାରଣ କରାଯାଇଛି । ବୃକ୍ଷଲତାର ଯତ୍ନନେବାରୁ ବିଭିନ୍ନ ଜୀବଜନ୍ତୁ ସୁରକ୍ଷିତ ମନେକରି ଏଠାରେ ବାସକରୁଛନ୍ତି। ଏଥିପାଇଁ ପ୍ରକୃତିବନ୍ଧୁ ପୁରସ୍କାର ବି ମିଳିଛି। ଆଖପାଖ ଗାଁର ଲୋକମାନେ ବିଭିନ୍ନ ସମୟରେ ଏହି ପରିବେଶରେ କିଛି ସମୟ କଟାଇବାକୁ ଆସୁଥିବାରୁ ଖୁସି ଲାଗେ ବୋଲି କୁହନ୍ତି ଯୁଧିଷ୍ଠିର । ସବୁଜ ବୃକ୍ଷଲତା ପରିବେଶରେ ବିଭିନ୍ନ ପକ୍ଷୀଙ୍କୁ ଦେଖିଲେ ଖୁସି ହୋଇପଡ଼େ। ଏବେ ଏହି ସବୁଜବଗିଚାର ଯତ୍ନନେଉଛନ୍ତି ପ୍ରତାପ, ପ୍ରଦୀପ ଓ ପ୍ରଭାତ। ମଝିରେ ମଝିରେ ବଗିଚା ବୁଲିବାକୁ ଯାଇଥାଏ। ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ଜନସଚେତନ କାର୍ଯ୍ୟକ୍ରମ କରାଯାଇଥାଏ। ଯୁଧିଷ୍ଠିରଙ୍କ ପୁଅ ପ୍ରଭାତ କୁହନ୍ତି ବାପାଙ୍କ ସ୍ୱପ୍ନ ସତ ହୋଇଛି। ପରିବେଶ ସୁରକ୍ଷାପାଇଁ ତାଙ୍କର ଉଦ୍ୟମ ଆମକୁ ପ୍ରେରଣା ଦେଇଛି। ଏହି ପରିବେଶରେ ସପରିବାର ଘରକରି ଖୁସୀରେ ରହିଛୁ। ଆଉକିଛି ଗଛ ଲଗାଇ ତାର ଯତ୍ନ ନେଉଛୁ। ଡିସେମ୍ବର, ଜାନୁୟାରୀ ଓ ଖରାଦିନେ ବଣଭୋଜି କରିବା ପାଇଁ ପାଖ ଗାଁର ଲୋକଙ୍କ ଭିଡ଼ ଜମେ। ଏହି ଅଞ୍ଚଳରେ କିପରି ବିଭିନ୍ନ ପଶୁପକ୍ଷୀ ସୁରକ୍ଷିତ ରହିପାରିବେ ଏଥିପାଇଁ ଜନସଚେତନତାର ଆବଶ୍ୟକତା ରହିଛି।

*-ବନବିହାରୀ ବେହେରା*

## ପ୍ରଚ୍ଛଦପ୍ରସଙ୍ଗର ଅବଶିଷ୍ଟାଂଶ...

ସାକ୍ଷାତ ହେବା ପରେ ସେ ଗୋପବନ୍ଧୁଙ୍କ ନୀତିଆଦର୍ଶ ପ୍ରତି ଆକର୍ଷିତ ହୋଇଥିଲେ। ସେ ଥିଲେ ଓଡ଼ିଶା ସାହିତ୍ୟ କ୍ଷେତ୍ରରେ ଜଣେ ଅଭୂତପୂର୍ବ ପ୍ରତିଭା। ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଓଡ଼ିଶାର ଜାତୀୟତାବାଦୀ ଯୁଗର ସ୍ରଷ୍ଟାମାନଙ୍କ ମଧରେ ସେ ଥିଲେ ଅନ୍ୟତମ। ଓଡ଼ିଶା ଗଢ଼ିବା ପାଇଁ ତାଙ୍କର ସାଧନା ଓଡ଼ିଶାରେ ଏକଦା ଆଲୋଡ଼ନ ସୃଷ୍ଟି କରିଥିଲା। ଅନ୍ୟପକ୍ଷେ ସେ ଜଣେ ରାଜନୈତିଜ୍ଞ ଓ ସାରସ୍ୱତ ଶିଳ୍ପୀ ଭାବେ ମଧ ପରିଚିତ। ଶିକ୍ଷକ ଜୀବନରୁ ଅବ୍ୟାହତି ନେବା ପରେ ବିଚ୍ଛିନ୍ନାଞ୍ଚଳରେ ସଙ୍ଗଠନ କରିବାରେ ଲାଗି ପଡିଥିଲେ। ପରେ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ମନ୍ତ୍ରୀ ପଦବୀ ଗ୍ରହଣ କରିଥିଲେ। ଗଣତନ୍ତ୍ର ପରିଷଦ ଗଠନ କରି ସ୍ୱାଧୀନ ଚିନ୍ତା ଅଭିମାନର ସ୍ୱର ଉଠାଇଥିଲେ। କ୍ଷୁଦ୍ର କବିତାଠାରୁ ଆରମ୍ଭକରି ଦୀର୍ଘ ଗାଥା କବିତା, ଉପନ୍ୟାସ, ଗଳ୍ପ ନାଟକ, ପ୍ରବନ୍ଧ, ଜୀବନୀ, ଆତ୍ମଜୀବନୀ, ଶିଶୁ ସାହିତ୍ୟ ପର୍ଯ୍ୟନ୍ତ ତାଙ୍କର ସାରସ୍ୱତ ସୃଷ୍ଟି ବିଚ୍ଛୁରିତ। ତାଙ୍କ ସୃଷ୍ଟିର ଦିଗ୍‌ବଳୟ ସୀମାହୀନ। ତାହା ହିଁ ଥିଲା ତାଙ୍କର ବୈଶିଷ୍ଟ୍ୟ। ୧୯୫୬ ଜୁଲାଇ ମାସ ୨୬ ତାରିଖରେ ସେ ଇହଧାମ ପରିତ୍ୟାଗ କରିଥିଲେ। ପୁଣ୍ୟାତ୍ମା ଗୋଦାବରୀଶଙ୍କ ମୃତଦେହ ସତ୍କାର ସ୍ଥାନ ନିରୂପଣ ନେଇ ସେତେବେଳେ ବିଭିନ୍ନ ଦାବି ହୋଇଥିଲା। କଟକର ନେତୃସ୍ଥାନୀୟ ବ୍ୟକ୍ତିମାନେ କଟକରେ ସମାଧି ଦେବା ପାଇଁ ଜିଦ୍ ଧରିଥିଲେ। ବାଣପୁର ଲୋକମାନେ ବାଣପୁର ଫେରାଇ ଆଣିବାକୁ ଅଡି ବସିଥିଲେ। ଶେଷରେ ଗୋପବନ୍ଧୁଙ୍କ ସମାଧି ନିକଟରେ ସମାଧି ଦେବାକୁ ପ୍ରସ୍ତାବରେ ସହମତି ପ୍ରକାଶ ପାଇଥିଲା। କଟକରୁ ଏକ ବିରାଟ ପଟୁଆରରେ ତାଙ୍କର ମରଶରୀରକୁ ସତ୍ୟବାଦୀ ନିଆଗଲା। ଉଲ୍ଲେଖଥାଉ କି ଗୋପବନ୍ଧୁଙ୍କ ସମାଧି ପାଖରେ ତାଙ୍କର ମୃତଦେହ ଦାହ କରାଗଲା। ତେବେ ଗୋଦାବରୀଶଙ୍କ ନାଁରେ ବାଣପୁରରେ ଗୋଦାବରୀଶ ବିଦ୍ୟାପୀଠ, ଗୋଦାବରୀଶ ମହାବିଦ୍ୟାଳୟ, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ନିବାସ ଗୋଦାବରୀଶ ବିଦ୍ୟାପୀଠ ଇତ୍ୟାଦି ଦେଖିବାକୁ ମିଳିଥାଏ। ସେହିଭଳି ତାଙ୍କର ପ୍ରତିମୂର୍ତ୍ତି ମହାବିଦ୍ୟାଳୟ ପରିସର, ବାଣପୁର ଥାନା ନିକଟରେ ରହିଛି।

### ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜନ୍ମସ୍ଥାନ

ଦେଶ ସେବା, ଭଗବାନଙ୍କ ସେବା, ନର ନାରାୟଣଙ୍କ ସେବାରେ ଜୀବନକୁ ଉତ୍ସର୍ଗୀକୃତ କରି ଦେଇଥିବା ପଣ୍ଡିତ କୃପାସିନ୍ଧୁ ଏ ସଂସାରରୁ ସିନା ଖୁବ୍‌ଶୀଘ୍ର



ବିଦାୟ ନେଇ ଯାଇଥିଲେ, କିନ୍ତୁ ତାଙ୍କର ଗବେଷଣାତ୍ମକ ରଚନା ତାଙ୍କୁ ଐତିହାସିକ ଉପାଧିରେ ଭୂଷିତ କରିବା ସହିତ ତାଙ୍କୁ ଚିରକାଳ ପାଇଁ ସ୍ମରଣୀୟ କରି ଦେଇଥିଲା, ସତେ ଅବା ସେବା ପାଇଁ ସେ ଯେମିତି ଜନ୍ମ ନେଇଥିଲେ। ଏହି ମହାପୁରୁଷ ୧୮୮୭ ମସିହା ଜୁନ୍ ୨୭ ତାରିଖରେ ପୁରୀ ଜିଲାର ବୀରହରେକୃଷ୍ଣପୁର ଶାସନରେ ପିତା ଜନାର୍ଦ୍ଦନ ରଥ ଓ ମା’ ଚନ୍ଦ୍ରମଣି ଦେବୀଙ୍କ କୋଳମଣ୍ଡନ କରିଥିଲେ ହେଁ ନିକଟବର୍ତ୍ତୀ ବୀରପ୍ରତାପପୁର ଶାସନର ମଉସା ଭିକାରୀ ମିଶ୍ର ଓ ମାଉସୀ ବିମଳା ଦେବୀଙ୍କ ପୁତ୍ର ଅଭାବ ପୂରଣ କରିବାକୁ ସେ ପୋଷ୍ୟ ସନ୍ତାନ ହୋଇ ସେଠାକୁ ଚାଲିଯାଇଥିଲେ। ହେଲେ ଭାଗ୍ୟରେ ଥିଲା କିଛି ଭିନ୍ନ। କୃପାସିନ୍ଧୁ ମାତ୍ର ୧୧ ଦିନର ଶିଶୁ ହୋଇଥିବାବେଳେ ତାଙ୍କ ପୋଷ୍ୟପିତା ଭିକାରୀ ମୃତୁବରଣ କରିଥିଲେ। ଫଳରେ ମାମୁଘର ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଶାସନରେ ତାଙ୍କ ଶୈଶବ କଟିଥିଲା। ଆଉ ସେଠାରେ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହରଙ୍କ ପରି ମହାପୁରୁଷଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ଚିନ୍ତାଧାରା ପ୍ରତି ସେ କ୍ରମେ ଆକୃଷ୍ଟ ହୋଇଯାଇଥିଲେ। ୧୯୨୬ ମସିହା ଫେବୃୟାରୀ ୧୨ ତାରିଖରେ ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ମୃତ୍ୟୁ ଘଟିଥିଲା।

### ପଞ୍ଚସଖାଙ୍କ ସ୍ମୃତିରେ ନିର୍ମିତ ସ୍ମୃତିପୀଠ

ପଞ୍ଚସଖାଙ୍କ ନାମରେ ସତ୍ୟବାଦୀ ଅଞ୍ଚଳରେ ରହିଥିବା କିଛି ସ୍ମୃତିପୀଠ ମଧ୍ୟରେ ଗୋଟିଏ ହେଉଛି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ନିର୍ମିତ ପଞ୍ଚସଖା ସ୍ମୃତି ପାଠାଗାର। ବକୁଳବନ ସଂଲଗ୍ନ ଏହି ପାଠାଗାରରେ ପ୍ରତିଦିନ ପାଠକମାନଙ୍କ ପାଇଁ ଖବରକାଗଜ, ମାଗାଜିନ ଓ ବିଭିନ୍ନ ଉପାଦେୟ ବହି ପଢ଼ିବାର ସୁଯୋଗ ରହିଛି। ସେହିପରି ପାଠାଗାର ଭିତରେ ପଞ୍ଚସଖାଙ୍କର ଆବକ୍ଷ ପ୍ରତିମୂର୍ତ୍ତି ବି ସ୍ଥାପନା କରାଯାଇଛି। ଅନ୍ୟପକ୍ଷେ ପାଠାଗାର ପଛକୁ ଲାଗି ରହିଛି ପଞ୍ଚସଖାଙ୍କର ସ୍ମୃତି ସମାଧିସ୍ଥଳ, ଯେଉଁଠି ପଞ୍ଚସଖାମାନଙ୍କର ପାର୍ଥିବ ଶରୀରକୁ ଅନ୍ତିମ ସଂସ୍କାର କରାଯାଇଥିଲା। ଉତ୍କଳମଣି ଗୋପବନ୍ଧୁ ଏବଂ ଅନ୍ୟ ସଖାମାନଙ୍କ ସହିତ ଗୋପବନ୍ଧୁଙ୍କର ଅତ୍ୟନ୍ତ ଅନୁଗାମୀ ତଥା ଓଡିଆ ଭାଷା ସାହିତ୍ୟର ପ୍ରଚାରକ ଅନନ୍ତ ମିଶ୍ର ଓ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ସମାଧି ବି ସେହିଠାରେ ସ୍ଥାପନ କରାଯାଇ ସେମାନଙ୍କ ମଧ୍ୟରେ ରହିଥିବା ନିବିଡ ସମ୍ପର୍କର ଏକ ନିଚ୍ଛକ ପ୍ରମାଣ ସୃଷ୍ଟି କରାଯାଇଛି। ସମାଧିସ୍ଥଳକୁ ଲାଗି ରହିଥିବା ପଞ୍ଚସଖା ଖେଳପଡିଆଟି ବନବିଦ୍ୟାଳୟ ଛାତ୍ରମାନଙ୍କର ଖେଳପଡିଆ ହୋଇଥିବାରୁ, ଏହା ସ୍ଥାନୀୟ ଲୋକମାନଙ୍କ ମୁଖରେ ପଞ୍ଚସଖା ଖେଳ ପଡିଆ ନାମରେ ନାମିତ ହୋଇଯାଇଛି। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ସମାବେଶ ପାଇଁ ସାକ୍ଷୀଗୋପାଳରେ ପର୍ଯ୍ୟଟନ ବିଭାଗ ତରଫରୁ ନିର୍ମାଣ କରାଯାଇଥିବା ରଙ୍ଗମଞ୍ଚର ନାମକରଣ ବି ହୋଇଛି ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ ନାମରେ। ତା’ଛଡ଼ା ସେହିଠାରେ ସ୍ଥାନୀୟ କ୍ରୀଡାପ୍ରେମୀ ଯୁବକମାନେ ପଞ୍ଚସଖା କ୍ରିକେଟ କ୍ଲବଟିଏ ବି ଗଠନ କରିଛନ୍ତି। ଏସବୁ ବ୍ୟତୀତ ବନପୁରଠାରେ ରହିଛି ପଞ୍ଚସଖା ସଂସ୍କୃତ ମହାବିଦ୍ୟାଳୟ ଓ ମହୁରା ପଞ୍ଚାୟତ ମାଳସାହିରେ ରହିଛି ପଞ୍ଚସଖା ଉଚ୍ଚ ବିଦ୍ୟାଳୟ। ସେହିପରି ପଞ୍ଚସଖାଙ୍କ ସ୍ମୃତିକୁ ଜନମାନସରେ ସାଇତି ରଖିବା ନିମନ୍ତେ ବନବିଦ୍ୟାଳୟର ଉତ୍ତର ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବରେ ସେବା, ସାହିତ୍ୟ, ବକ୍ତୃତା ଓ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରୁଥିବା ଛାତ୍ରମାନଙ୍କୁ ପଞ୍ଚସଖାଙ୍କ ନାମରେ ପୁରସ୍କାର ମଧ ଦିଆଯାଉଛି। **-ଅମ୍ବିତା**

*ତଥ୍ୟ ସହାୟତା: କିଶୋର ମହାପାତ୍ର, ଲୋକନାଥ ମିଶ୍ର*



# ଅଜବ ବିଚାର

**–ନଗେନ୍ଦ୍ରନାଥ ପଟ୍ଟନାୟକ**

ଜଣେ କମ୍ପାନୀ ମାଲିକ ଅଚାନକ କାରଖାନାରେ ପହଞ୍ଚିଗଲେ। ଦେଖିଲେ କେବଳ ଜଣେ ଯୁବକକୁ ଛାଡ଼ି ଅନ୍ୟ କର୍ମଚାରୀମାନେ ଯେଝା ଯେଝା କାମରେ ଲାଗିପଡ଼ିଛନ୍ତି। ଯୁବକ ଜଣକ କାରଖାନା ଭିତରେ ଗୋଟେ କୋଣରେ ବସିପଡ଼ି ସ୍ମାର୍ଟ୍ ଫୋନ୍‌ର ମେସେଜ ଉପରେ ଆଖି ବୁଲାଉଛି। ଖୁବ୍ ବିସ୍ମିତ ହୋଇ କାରଖାନା ମାଲିକ କହିଲେ– ‘‘ଆରେ, ଏ ତ କାରଖାନାକୁ ଆସୁ ଆସୁ ବେଧଡ଼କ ଭାବେ ମୋବାଇଲରେ ମେସେଜ ପଢୁଛି। ଏଟା କରିବ କ’ଣ ? କାମରେ ସିନା ମନ ଥିଲେ ଯାହା କିଛି କରିବ। ଇଏ ତ ହରଦମ୍ ମୋବାଇଲ ଫୋନ୍‌ଟା ଉପରେ ଅଙ୍ଗୁଳି ଟିପ ଚଳେଇ ଟୁଇଟ୍ କରୁଛି, ଆଖି ପୂରେଇ ମେସେଜ ପଢୁଛି।’’

ମାଲିକ ମୁଣ୍ଡକୁ ସେତେବେଳକୁ ପିତ୍ତ ଚଢ଼ିଗଲାଣି। ରକ୍ତ ଚାଉଳ ଚୋବେଇ ମନକୁ ମନ କ’ଣ ସବୁ ଗାରୁ ଗାରୁ ହୋଇ କହି ପକାଇଲେ। ରାଗରେ ପାଚି ଲାଲ୍ ପଡ଼ିଗଲେ ସେ। ଦୁମ୍‌ଦୁମ୍ ହୋଇ ଯୁବକ ପାଖକୁ ଝପଟିଆସି ପଚାରିଲେ– ‘‘ତୁମେ ମାସକୁ କେତେ ଦରମା ପାଉଛ ?’’ ଯୁବକଟି ଥଙ୍ଗଥଙ୍ଗ ହୋଇ କହିଲା–‘‘ସାର ! ମୋର ମାସିକ ଦରମା ପରା ଛଅ ହଜାର ଟଙ୍କା। ୟା’ ବାଦ୍ ଅନ୍ୟ ଯାହା ସବୁ ସୁବିଧା ପାଇବା କଥା ପାଉଛି।’’ ଏତକ ଶୁଣିବା ମାତ୍ରେ ମାଲିକ ସହସା ତାଙ୍କ ପ୍ୟାଣ୍ଟ ପକେଟରୁ ଅଠରହଜାର ଟଙ୍କା ବାହାରକରି ଯୁବକଟି ହାତରେ ଥାପିଦେଲେ। ଖୁବ୍ ବିଗିଡ଼ିଯାଇ ମାଲିକ କହିଲେ–‘‘ହେଇ ନିଅ ଏତକ ଟଙ୍କା, ତୁମର ତିନି ମାସର ଦରମା। ତୁମ ପରିକା କାମଚୋର୍ କର୍ମଚାରୀଙ୍କର ଏଠି ରହିବାର ଥାନ ନାଇଁ।’’ ଟଙ୍କା ପୁଳାକ ମୁଠେଇ ଯୁବକଟି ଦୌଡିଲା ରେଷ୍ଟୁରାଣ୍ଟ ଆଡ଼େ। ଏଣେ ମାଲିକ ତା’ ଆଡ଼କୁ ଅନାଇ ରହିଥାଏ ଢିମା ଢିମା ଆଖି ହଲକରେ। ଘଡ଼ିଏ ଚୁପ୍ ରହି ମାଲିକ ସେଠିକାର କର୍ମଚାରୀଙ୍କୁ ପଚାରିଲେ–‘‘ଆଚ୍ଛା, କହିଲ ଏ ଯୁବକ ଜଣକ କିଏ ?’’ ବଡ଼ କଷ୍ଟରେ ହସକୁ ଚାପି କର୍ମଚାରୀ ଜଣକ କହିଲେ–‘‘ସାର୍ ! ଏ ପରା ଆମ ପାଖ ରେଷ୍ଟୁରାଣ୍ଟର ପିଲା। ଇଏ ଆସିଥିଲା ସୁପରଭାଇଜର ବାବୁଙ୍କୁ ଦୋସା ପାର୍ସଲ ଦେବାକୁ। କାହିଁକି ନା ଆମ ସୁପରଭାଇଜର ସାର୍ ତାଙ୍କର ଲଞ୍ଚ ବାକ୍ସଟି ଘରୁ ଆଣିବାକୁ ଭୁଲିଯାଇଛନ୍ତି।’’ ଏ କଥା କାନରେ ବାଜୁ ବାଜୁ କାରଖାନାର ମାଲିକ ମୁଣ୍ଡରେ ହାତ ଦେଇ କହିଲେ –‘‘ହାୟ! ମୁଁ କ’ଣ ନ କଲି !’’

*–ଜଗମୋହନନଗର ,*
*ଜାଗମରା, ଖଣ୍ଡଗିରି*
*ଭୁବନେଶ୍ୱର*

# ତିନୋଟି ଏକ୍‌ପଦୀ

**–ଶ୍ରୀଗୋବିନ୍ଦ**

**ଏକ:** ମନ ମୋର ଆଜି ପାନ୍ଥଶାଳା ପରି
କାନ୍ଥେ କୋହର ଛାପ,
ହେଲେ ମୁଁ ବଞ୍ଚିଛି ମୋତେ ଏକାକରି
ସାଇତି ହଜାରେ ପାପ।

**ଦୁଇ:** ମୋ ଛାଇକୁ ଦେଖି ତୋ ଛାଇ ବି ଯଦି
ବାଟ ଭାଙ୍ଗିଯିବ କେବେ,
ତଥାପି ଶୋଷର ମରୀଚିକା ହୋଇ
ଚାହିଁବି ତୋ ପାଇଁ ଯୁଗେ।

**ତିନି:** ଯେଉଁ ଲୁହ ଟୋପାଏ ଆଖିରେ ଥିଲା
ଛାତିରେ ରଖିଛି ଜାକି,
ହୃଦୟ ଦୀପରେ ଜଇଦେବି ଦିନେ
ଗଲେ ତୋ ସଳିତା ସୁଖି।

*–ସାନମାଛୁଆଘାଇ, ରାଜଘର*
*ପୋଖରୀ, ଭଦ୍ରକ*



# ତୁମେ...

**–ଡ. କିଶୋର ମହାନ୍ତି**

ତୁମେ ନୀରବତା
ମୁଁ ଶବ୍ଦାୟିତ ଛୋଟ ଅନୁଭବ
ତୁମେ ଫୁଲ ଉପରେ ପଡ଼ିଥିବା
ଟୋପି ଟୋପି ଶିଶିର ବିନ୍ଦୁ
ମୁଁ ଏକ ଯାଯାବର..।।
ତୁମେ ରୂପସୀ
କୋଣାର୍କର ନଟୀ,
ମୁଁ ନିହାଣଟିଏ
ତୁମ ନରମ ପାଦରେ
ବାନ୍ଧିବାକୁ ପାଉଁଜି ଦି’ହଳ...।।
ତୁମେ ଆବେଗ ମୁହୂର୍ତ୍ତ
ମୁଁ ସ୍ୱପ୍ନ ସାଉଁଟୁଥିବା ବାଟୋଇ
ତୁମେ ସତେ ମୋ ପାଇଁ
ଅସରନ୍ତି ରାସ୍ତା
ମୁଁ ଖୋଜି ଚାଲିଛି
ଅହରହ ନାଁ–ଗାଁ...ଠିକଣା
ଦୂର ଦିଗ୍‌ବଳୟ ଛୁଇଁବା ଯାଏଁ...।।

*କଟକ–୧୪*





## ସଲ୍ଲୁଙ୍କ ପ୍ରଶଂସାରେ ଜ୍ୟାକି

ଜ୍ୟାକି ଶ୍ରଫଙ୍କ ମୁହଁରେ ଏବେ ସଲ୍‌ମାନ ଓରଫ ସଲ୍ଲୁ ମିଆଁଙ୍କ ପ୍ରଶଂସା। ଅସଲ କଥା ହେଲା ନିର୍ମାଣାଧୀନ ହିନ୍ଦୀ ସିନେମା 'ଭାରତ'ରେ ସଲମାନଙ୍କ ବାପା ଭୂମିକାରେ ଅଭିନୟ କରୁଛନ୍ତି ଜ୍ୟାକି। ଆଉ ଏଭଳି ଏକ ଭୂମିକା ପାଇଁ କେବଳ ସଲମାନ ନୁହନ୍ତି, ଜ୍ୟାକି ମଧ୍ୟ ବେଶ୍ ଖୁସ୍। ଏ ବିଷୟରେ ଜ୍ୟାକି କହନ୍ତି, 'ମୁଁ ଏବେ ବାପା ଭୂମିକାରେ ଅଭିନୟ କରୁଛି। ଏହାକୁ ନେଇ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କାରଣ ଏହା ପୂର୍ବରୁ ମୁଁ 'ୟାଦେଁ'ରେ କରୀନାଙ୍କର ଏବଂ 'ଧୂମ୍-୩'ରେ ଆମୀରଙ୍କ ବାପା ରୋଲ୍‌ରେ ଅବତୀର୍ଣ୍ଣ ହୋଇସାରିଛି। ବିଶେଷଭାବରେ 'ଭାରତ'ରେ ମୋ ଭୂମିକାଟି ମୋତେ ଆତ୍ମତୃପ୍ତି ଦେଇଛି। ସଲମାନଙ୍କଠାରୁ ମୋ ବୟସ ପାଖାପାଖି ୧୦ ବର୍ଷ ଅଧିକ। ତେଣୁ ତାଙ୍କ ବାପା ଭୂମିକାରେ ଅଭିନୟ କରିବାରେ କୌଣସି ଅସୁବିଧା ନାହିଁ। ଏମିତି ଦେଖିବାକୁ ଗଲେ ସେ ମୋ ପୁଅ ପରି। ସେପଟେ ଜ୍ୟାକିଙ୍କ ପରି ଜଣେ ବିଶିଷ୍ଟ ଅଭିନେତାଙ୍କ ସହ ଆକ୍ଟିଂ କରିବା ଭାଗ୍ୟରେ ଥିଲେ ମିଳେ ବୋଲି କହିଛନ୍ତି ସଲମାନ।


ସଲ୍‌ମାନ


ଜ୍ୟାକି


କ୍ରିତି

## ଅଡୁଆ କରିଛି ଆଇଟମ୍ ନମ୍ବର

କ୍ରିତି ସାନନ୍ ଏବେ ଦୋ'ଛକିରେ ପଡିଯାଇଛନ୍ତି। ଏ ନେଇ ସେ କି ନିଷ୍ପତ୍ତି ନେବେ ଅଡୁଆରେ ପଡିଯାଇଛନ୍ତି। କଥା କ'ଣ କି, ନିକଟରେ ତାଙ୍କୁ ଏକ ଅନ୍‌ଟାଇଟଲ୍ଡ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦିଆଯାଇଥିଲା। କାହାଣୀ ଏବଂ ନିଜ ଭୂମିକା ବିଷୟରେ ଭଲ ଭାବେ ଅବଗତ ହେବା ପରେ ତାଙ୍କ ମୁହଁରେ ଖୁସିର ଲହରି ଖେଳିଯାଇଥିଲା। ହେଲେ ତା' ଭିତରେ ହଠାତ୍ ଏକ କେଁ ପଶିଯାଇଥିଲା। ଫିଲ୍ମଟିକୁ ଆଉ ଟିକେ ମାଇଲେଜ୍ ଦେବାକୁ ପ୍ରଯୋଜକ ସେଥିରେ ଏକ ଆଇଟମ ନମ୍ବର ରଖିବାକୁ ଠିକ୍ କରିଥିଲେ। ପୁଣି ଏଥିରେ ଆଉ କେହି ନୁହନ୍ତି, ଖୋଦ୍ କ୍ରିତି ନାଚିବେ ବୋଲି ସ୍ଥିର କରିଥିଲେ। ହେଲେ ଯେତେବେଳେ ଏ କଥା କ୍ରିତି ଜାଣିଲେ ତାହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ଅନ୍ୟପକ୍ଷରେ ଏହି ଅଫରକୁ ହଁ ଭରିବେ କି ରେଡ୍ ସିଗ୍‌ନାଲ ଦେଖାଇବେ, ସେନେଇ ଅଡୁଆରେ ପଡ଼ିଯାଇଛନ୍ତି କ୍ରିତି।


## ଦୀପିକାଙ୍କ ପ୍ରତିଜ୍ଞା



ନିଜ ଅଭିନୟ ଦକ୍ଷତାରେ ଦୀପିକା ସବୁବେଳେ ଦର୍ଶକଙ୍କ ମନ ଜିଣିଥିବାବେଳେ ଅଧିକାଂଶ ସମୟରେ ଶ୍ରେଷ୍ଠ ଅଭିନେତ୍ରୀର ଆୱାର୍ଡ ବି ଜିତିଥାଆନ୍ତି। କିନ୍ତୁ ନିକଟରେ ଅନୁଷ୍ଠିତ ଫିଲ୍ମ ଫେୟାର ପୁରସ୍କାରରେ ତାଙ୍କୁ କୌଣସି ପୁରସ୍କାର ମିଳି ନ ଥିଲା। ଯଦିଓ ଫିଲ୍ମ 'ପଦ୍ମାବତ' ନୋମିନେଶନ କ୍ୟାଟେଗୋରୀରେ ରହିଥିଲା। ଫଳରେ ତାଙ୍କ ଫ୍ୟାନ୍‌ମାନେ ବହୁତ ଦୁଃଖ ପ୍ରକାଶ କରିଥିଲେ। ତେଣୁ ଦୀପିକା ଇନ୍‌ଷ୍ଟାଗ୍ରାମ୍‌ରେ ଫ୍ୟାନ୍‌ମାନଙ୍କୁ ପ୍ରମିଜ କରିଛନ୍ତି ଯେ, ଏଣିକି ସେ ଆଗ ଅପେକ୍ଷା ଆହୁରି ଅଧିକ ପରିଶ୍ରମ କରିବେ। ସେ କହନ୍ତି, ଏବେ ମୋ ହାତରେ ୨-୩ଟି ଅଫର ରହିଛି, ଯାହାର କାହାଣୀ ବେଶ୍ ଦମ୍‌ଦାର। ଏ ବିଷୟରେ ମୁଁ ଦେଖି ଚାହିଁ ନିଷ୍ପତ୍ତି ନେବି।' ସୂଚନାଯୋଗ୍ୟ, ଏବେ ଦୀପିକା ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଛପାକ୍'ର ପ୍ରଥମ ଫଟୋକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସେ ଏସିଡ୍ ମାଡ଼ରେ ଆହତ ଲକ୍ଷ୍ମୀ ଅଗ୍ରୱାଲଙ୍କ ବାୟୋପିକ୍‌ରେ ଅଭିନୟ କରିଛନ୍ତି। ଏହି ଫଟୋରେ ତାଙ୍କ ଲୁକ୍‌ସକୁ ନେଇ ବଲିଉଡ୍ ସହ ତାଙ୍କ ଫ୍ୟାନ୍‌ଙ୍କ ଭିତରେ ବେଶ୍ ଉତ୍ସୁକତା ବଢିଯାଇଛି। ମେଘନା ଗୁଲ୍‌ଜାର ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି।

## 'ଜିୟୁ ଜିତ୍‌ସୁ'ରେ ନିକୋଲାସ୍

ହଲିଉଡ୍ ଫିଲ୍ମ 'ଜିୟୁ ଜିତ୍‌ସୁ'କୁ ନେଇ ଏବେ ଚର୍ଚ୍ଚା। ଏହାର ମେଲ୍ ଲିଡ୍‌ରେ ନିକୋଲାସ୍ କେଜ୍ ଅଭିନୟ କରିବେ ବୋଲି ପୂର୍ବାନୁମାନ କରାଯାଉଥିଲା, ଯାହା ଶେଷରେ ସତ ହୋଇଛି। କେତେକ କାରଣରୁ ସେ ଏଥିରେ ଅଭିନୟ କରିବେ କି ନାହିଁ ତାକୁ ନେଇ ବେଶ୍ କିଛିଦିନ ଝୁଲାଇ ରଖିଥିଲେ। ହେଲେ ନିକଟରେ ନିଜ ପଟରୁ ଏ ନେଇ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି। ଏ ସମ୍ପର୍କରେ ହଲିଉଡ୍ ସୁପର ଷ୍ଟାର ନିକୋଲାସ୍ କହନ୍ତି, 'ଯେହେତୁ ଫିଲ୍ମଟି ମାର୍ଶାଲ ଆର୍ଟସ ଉପରେ ଆଧାରିତ, ତେଣୁ ଏ ନେଇ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କରିବା ପରେ ହଁ ଭରିଛି। ଜିୟୁ ଜିତ୍‌ସୁ ହେଉଛି ଏକ ପ୍ରାଚୀନ ରଣକୌଶଳ। ଏ ବିଷୟରେ ଭଲଭାବେ ଅବଗତ ହେବା ପାଇଁ ଜିୟୁ ଜିତ୍‌ସୁ ଏକ୍ସପର୍ଟଙ୍କ ସହ ଆଲୋଚନା କରିଛି। ବିଶେଷଭାବରେ ଫାଇଟ୍ ଶଟ୍‌ରେ ଯେପରି ଟିକିଏ ହେଲେ ତ୍ରୁଟି ନ ରୁହେ, ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବ।' ଏପରି ଏକ ସାଇନ୍ସ ଫିକ୍‌ଶନର ପ୍ରଯୋଜନା ସହ ନିର୍ଦ୍ଦେଶନା ଦେଉଛନ୍ତି ଡିମିତ୍ରି ଲୋଗୋଥେଟିସ୍।



# ସୁମନ ପ୍ରିୟାଙ୍କ ଡବଲ ଧମାକା



ନବାଗତା ସୁମନ ପ୍ରିୟା। ଓଲିଉଡ୍‌ରେ ପାଦ ଦେଉ ଦେଉ ଚର୍ଚ୍ଚାରେ। ପ୍ରଥମ ସିନେମାରେ ତାଙ୍କୁ ମିଳିଛି ଡବଲ ରୋଲ୍, ଯାହାର ସଫଳତାକୁ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କଲେଣି ସେ। ଚଳଚ୍ଚିତ୍ରଟି ହେଲା 'ବୈଶାଳୀ'। ଭୂମିକାଦ୍ୱୟ ହେଲା ବୈଶାଳୀ ଏବଂ ଦିପାଳି। ବୈଶାଳୀ ଜଣେ ନିପଟ ମଫସଲ ଝିଅ ହୋଇଥିବା ବେଳେ ଦିପାଳିର ଆଚାର ବ୍ୟବହାର ସମ୍ପୂର୍ଣ୍ଣ ଅଲଗା। ସେ ଜଣେ ମଡର୍ନ ଗର୍ଲ। ଏପରି ଭିନ୍ନ ଭିନ୍ନ ଦୁଇଟି ରୋଲ୍‌କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସୁମନ। ଅବଶ୍ୟ କ୍ୟାମେରା ସାମ୍‌ନା କରିବା ତାଙ୍କ ପାଇଁ ନୂଆ କଥା ନୁହେଁ। ଏହାପୂର୍ବରୁ ସେ ପ୍ରାୟ ୨୫ଟି ସମ୍ବଲପୁରୀ ଭିଡିଓ ଆଲବମ୍‌ରେ ଅଭିନୟ କରିଛନ୍ତି। ଏହାସହ ରିଲିଜ୍ ଅପେକ୍ଷାରେ ଥିବା ସମ୍ବଲପୁରୀ ଚଳଚ୍ଚିତ୍ର 'କୁକୁଡ଼ା ଚୋର'ର ନାୟିକା ମଧ୍ୟ ସାଜିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା କ୍ଷୁଦ୍ର ଚଳଚ୍ଚିତ୍ର 'ଝାରବେଡ଼ା'ରେ ମଧ୍ୟ ସେ ଅଭିନୟ କରିଛନ୍ତି। ସୁମନ ପ୍ରିୟାଙ୍କ ଜନ୍ମ କେସିଙ୍ଗାରେ। ନିଜର ପ୍ରଥମ ଚଳଚ୍ଚିତ୍ର ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର କାହାଣୀ ଜଣେ ନାରୀ ଉପରେ ଆଧାରିତ। ଯେହେତୁ ଏଥିରେ ମୋତେ ଡବଲ ରୋଲ୍ ମିଳିଛି, ତେଣୁ ପରିଶ୍ରମ କରିବାକୁ ପଡୁଛି। ତା'ସହ ଦର୍ଶକ ମୋ ପରିଶ୍ରମର ମୂଲ୍ୟ ବୁଝିବେ ବୋଲି ଆଶା ରହିଛି।' ବୈଶାଳୀ ପ୍ରଡକ୍ସନ ବ୍ୟାନରରେ ଶୁଟିଂ ଚାଲିଥିବା ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ସୁଧୀର କୁମାର ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଆଶୁତୋଷ (ବାବୁ ଦା')। ସିନେମାରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହି ଫିଲ୍ମରେ ସୁମନଙ୍କ ଅପୋଜିଟ୍‌ରେ ନାୟକ ଭୂମିକାରେ ଅଭିନୟ କରୁଛନ୍ତି ଅଭିଷେକ ରଥ। ଏମାନଙ୍କ ବ୍ୟତୀତ ବିଜୟ ମହାନ୍ତି, ଅପରାଜିତା ମହାନ୍ତି, ପୃଥ୍ୱୀରାଜ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ରବି ମିଶ୍ର, ମନୀଷା ମିଶ୍ର, ଅସିତ ପତି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

## ତାମିଲ ଶିଖୁଛନ୍ତି କଙ୍ଗନା



କଙ୍ଗନା ଏବେ ତାମିଲ ଭାଷା ଶିଖୁଛନ୍ତି। ହେଲେ କ'ଣ ପାଇଁ? କଥା କ'ଣ କି, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପରଲୋକଗତା ଜେ. ଜୟଲଳିଥାଙ୍କ ଉପରେ ନିର୍ମିତ ହେବାକୁ ଯାଉଥିବା ଏକ ଦ୍ୱିଭାଷୀ ଫିଲ୍ମ (ତାମିଲ, ହିନ୍ଦୀ)ରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯେହେତୁ ଫିଲ୍ମଟି ମୁଖ୍ୟତଃ ତାମିଲ ଭାଷାରେ ନିର୍ମିତ ହେବ, ପରେ ହିନ୍ଦୀରେ ଡବିଂ ହେବ। ତେଣୁ ତାମିଲ ଭାଷା ଶିଖିବା ଆରମ୍ଭ କରିଦେଇଛନ୍ତି ସେ। ପୁଣି ସୀମିତ ସମୟ ମଧ୍ୟରେ ଏହାକୁ ଶେଷ କରିବାକୁ ପଡ଼ିବ। ତେଣୁ ଏଥିପାଇଁ ସେ ଦିନରାତି ଏକ କରିଦେଇଛନ୍ତି। ତାମିଲ ଭାଷାରେ ଏହାର ଟାଇଟଲ 'ଥାଲୈଭି' ରହିଥିବା ବେଳେ ହିନ୍ଦୀ ଶୀର୍ଷକଟି ହେଉଛି 'ଜୟା'। 'ବାହୁବଳୀ' ଏବଂ 'ମଣିକର୍ଣ୍ଣିକା'ର କାହାଣୀକାର କେ.ଭି. ବିଜୟେନ୍ଦ୍ର ଏହାର କାହାଣୀ ଲେଖିଛନ୍ତି। ଉକ୍ତ ବାୟୋପିକ୍‌ର ନିର୍ଦ୍ଦେଶନା ଦେବେ ଏଲ୍. ବିଜୟ। ଅବଶ୍ୟ ତେଲୁଗୁ ଫିଲ୍ମରେ ଅଭିନୟ କରିବା କଙ୍ଗନାଙ୍କ ପାଇଁ ନୂଆ ନୁହେଁ। ତାଙ୍କ କ୍ୟାରିୟରର ପ୍ରାରମ୍ଭିକ ଅବସ୍ଥାରେ ସେ କେତୋଟି ତାମିଲ ଫିଲ୍ମରେ ଅଭିନୟ କରିଥିଲେ।

# ମନକୁ ମନ ଭାବଇ ରଜା, ବେସୁରା ପ୍ରେମରେ ନ ଥାଏ ମଜା

**ପ୍ରଶ୍ନ**–କହିବେ କି ସାଥୀ, ଆଜିର ସମାଜରେ ଅନେକ ପ୍ରେମିକ-ପ୍ରେମିକା ବାସ୍ତବ ଜୀବନରେ ସ୍ୱାମୀ-ସ୍ତ୍ରୀ ହୋଇପାରନ୍ତି ନାହିଁ କାହିଁକି ?

*–ବିଜୁ ସାହୁ, ଭୂମିକା ଭେରାଇଟି ଷ୍ଟୋର, ନାଗବାଲି ବଜାର, କଟକ*

**ଉତ୍ତର:** ଯେମିତି କର୍ମ ସେମିତି ଫଳ। ପ୍ରେମର ଗଣିତ ଠିକ ଭାବରେ ସମସ୍ତେ କଷି ପାରି ନ ଥାନ୍ତି। ଟିକିଏ ଭୁଲ ଭଟକା ହୋଇଗଲେ ସବୁ କିଛି ଅଡୁଆ ତଡୁଆ ହୋଇଯାଏ। ବାକି ରହିଲା ପ୍ରେମିକା-ପ୍ରେମିକ ବାସ୍ତବ ଜୀବନରେ ସ୍ୱାମୀ-ସ୍ତ୍ରୀ ହେବା କଥା। ପ୍ରେମ କରିବା ବେଳେ ଟିକେ ଅଣ୍ଟା ଭିଡି ଦିଅନ୍ତୁ ନା ! ଏଭଳି ସ୍ୱପ୍ନ ସତ ହେବାରେ ହୁଏତ କୌଣସି ଅସୁବିଧା ହେବନାହିଁ।

**ପ୍ରଶ୍ନ**–ଏ ପର୍ଯ୍ୟନ୍ତ ୫-୬ ଜଣ ଝିଅକୁ ପ୍ରେମ କରିସାରିଲିଣି। ହେଲେ ପ୍ରେମର ଅସଲ ମଜା ଅନୁଭବ କରିପାରୁନି। କାହିଁକି ?

*–ଦୀପକ, ଯାଜପୁର*

**ଉତ୍ତର:** ଆପଣ ଯେଉଁ ପାଞ୍ଚ/ଛଅ ଜଣ ସୁନ୍ଦରୀଙ୍କ ମନରେ ଘର କରିବାକୁ ଚାହିଁଛନ୍ତି ତାହାର ଫର୍ମୁଲାରେ ତ୍ରୁଟି ରହିଯାଇଛି। ବେସୁରା ପ୍ରେମରୁ ଯଦି ଅସଲ ପ୍ରେମର ସ୍ୱାଦ ଚାହିଁବେ ତାହା କେବଳ ମରୀଚିକା ସାଙ୍ଗରେ ସମାନ। 'ମନକୁ ମନ ଭାବଇ ରଜା, ବେସୁରା ପ୍ରେମରେ ନ ଥାଏ ମଜା'। ବାସ୍, ଏମିତିକା ରଙ୍ଗହୀନ, ସ୍ୱାଦହୀନ ପ୍ରେମ ଯଦି ସାରା ଜୀବନ କରିବେ ତେବେ କିଛି ଲାଭ ନାହିଁ। ନିର୍ମଳ ହୃଦୟକୁ ସାଙ୍ଗରେ ଧରି ପ୍ରେମ କରନ୍ତୁ। ସେହିପରି ପ୍ରେମର ପରିବେଶ ସବୁବେଳେ ଭାଇରସମୁକ୍ତ ରହିବା ଦରକାର। ନ ହେଲେ ପ୍ରେମର ଗାଡି ଧକେଇ ଧକେଇ ଆଗକୁ ଯିବ କ'ଣ ସେମିତି ଗୋଟିଏ ସ୍ଥାନରେ ଅଟକି ରହିଥିବ।

**ପ୍ରଶ୍ନ**–ମୋ ପ୍ରେମିକା ମୋ ଉପରେ ଅନେକ ସମୟରେ ରାଗ, ଅଭିମାନ କରି କଥା ହୁଏନାହିଁ କାହିଁକି ? *–ମାନା ବେହେରା, ଖଣ୍ଡାଏତା, କଟକ*

**ଉତ୍ତର:** ପ୍ରେମ ହେଉଛି ରାଗ ଅଭିମାନର ଏକ ମିଶ୍ରଣ। କାରଣ ଏହା ନ ଥିଲେ ପ୍ରେମର ଅସଲ ମଜା ଅନୁଭବ କରି ହୁଏନା। ଯିଏ ଯାହାକୁ ମନପ୍ରାଣ ଦେଇ ପ୍ରେମ କରୁଥାଏ ସେହି ପ୍ରେମରେ ରାଗ ଅଭିମାନ ପ୍ରେମକୁ ଆହୁରି ଦୃଢ଼ କରେ। ବାସ, ଅମାନିଆ ପ୍ରେମିକାକୁ ମନାଇବା ପାଇଁ ଏମିତି ଉପାୟ ଚିନ୍ତା କରନ୍ତୁ, ଯାହାଦ୍ୱାରା ତା' ମୁହଁରେ ସବୁବେଳେ ହସ ଦେଖିବାକୁ ପାଇବେ।

**ପ୍ରଶ୍ନ**– ମୁଁ ପାଞ୍ଚବର୍ଷ ହେଲା ବାହା ହୋଇଛି। ଏବେ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଇଛି। ସେଥିରୁ କିପରି ମୁକୁଳିବି ଜାଣିପାରୁନାହିଁ ?

*–ତନ୍ମୟ ସାହୁ, ରାଉରକେଲା*

**ଉତ୍ତର:** ଆପଣ ଜାଣିଶୁଣି ନିଆଁକୁ ଅଣ୍ଟିରେ ପୂରାଇଛନ୍ତି। ବାହାଘର ପରେ ଯଦି ପ୍ରେମ କରିବାକୁ ମନ କୁତୁକୁତୁ ହୁଏ ଆଉ କାହା ପାଖରେ ମନ ବନ୍ଧା ପଡ଼ିଯାଏ, ତେବେ ତାହାର ଫଳାଫଳ କ'ଣ ହେବ ଥରେ ଚିନ୍ତା କରନ୍ତୁ। ଯଦି ଏହି ଲୁଚାଛପା ପ୍ରେମ ବିଷୟରେ ଆପଣଙ୍କ ପତ୍ନୀ ଜାଣିପାରିଲେ ତେବେ ପ୍ରେମର ନିଶା ଥପ୍ କରି ଖସିପଡିବ। ଆଉ ଏହି ନିଆଁ ବୈବାହିକ ଜୀବନରେ ଥରେ ଲାଗିଲେ ତାହା ଯେତେଚେଷ୍ଟା କଲେ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଲିଭି ନ ଥାଏ। ଏହାକୁ ନେଇ ମନରେ ସନ୍ଦେହର କୁହେଳିକା ସେମିତି ଜଳୁଥାଏ। ତେଣୁ ଭଲ ହେବ ଏ ଘଟଣା ଆଗକୁ ଆଗେଇବା ପୂର୍ବରୁ ସେଥିରେ ଯେତେ ଶୀଘ୍ର ପୂର୍ଣ୍ଣଚ୍ଛେଦ ପକାନ୍ତୁ। ନ ହେଲେ ଆପଣଙ୍କ ଆଖିରୁ ଲୁହ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**–ପ୍ରେମିକା ମୋତେ ଛାଡ଼ି ଚାଲିଗଲା ପରେ ମୋ ମନ ଭଲ ନାହିଁ। କ'ଣ କଲେ ମନକୁ ଶାନ୍ତି ଆସିବ କହିବେ କି ସାଥୀ ?

*–ସୁବୋଧ କୁମାର, ଅନୁଗୋଳ*

**ଉତ୍ତର:** ଆପଣ ଗେରୁଆ ବସ୍ତ୍ର ପିନ୍ଧି କିଛି ଦିନ ତପସ୍ୟା କରନ୍ତୁ। ଦେଖିବେ, ପ୍ରେମର ଆବିଳତା ଆପଣଙ୍କ ମନରୁ ଦୂରେଇ ଯିବ ଆଉ ତା'ପରେ ଆପଣଙ୍କୁ କିପରି ଲାଗୁଛି ତାହା ନିଜେ ଅନୁଭବ କରିପାରିବେ।

ସାଥୀ






## ପ୍ରଥମ ରୋଜଗାର

ଶିକ୍ଷାବିତ୍ ତଥା ପ୍ରାବନ୍ଧିକ **ଡଃ. ରବୀନ୍ଦ୍ରନାଥ ଆଚାର୍ଯ୍ୟ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦରମାରୁ କିଛି ଟଙ୍କା ଘରକୁ ପଠାଇଥିଲି

ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଲଥାଙ୍ଗ ଗାଁରେ ମୋର ଜନ୍ମ। ଗାରେଇଶାସନ ପ୍ରାଥମିକ ବିଦ୍ୟାଳୟରୁ ୫ମ ପାସ୍ କରିବା ପରେ ଶେଖରେଶ୍ୱର ସଂସ୍କୃତ ଟୋଲ୍‌ରେ ୬ଷ୍ଠରୁ ୮ମ ଯାଏଁ ପଢିଲି। ଏହାପରେ ପଙ୍କପାଳ ଉଚ୍ଚ ବିଦ୍ୟାଳୟରେ ୯ମରେ ନାଁ ଲେଖାହେଲା। ଏଠାରେ କିଛିଦିନ ପଢିବା ପରେ ହଠାତ୍ ବାପାଙ୍କର ଦେହାନ୍ତ ହେଲା। ପରିବାରର ଆର୍ଥିକ ସ୍ଥିତି ଦୋହଲି ଗଲା। ଆମେ ୫ ଭାଇଭଉଣୀ (୨ ଭାଇ ଓ ୩ ଭଉଣୀ) ଭିତରୁ ମୁଁ ଥିଲି ୪ର୍ଥ ନମ୍ବରରେ। ତେଣୁ ବାଧହୋଇ ପଙ୍କପାଳ ବିଦ୍ୟାଳୟ ଛାଡି ପୁଣି ଶେଖରେଶ୍ୱର ସଂସ୍କୃତ ଟୋଲ୍‌ରେ ପଢିବାକୁ ପଡିଲା। ଏଠାରେ ମାଗଣାରେ ପାଠପଢା ସାଙ୍ଗକୁ ସ୍କଲାରଶିପ୍ ମିଳୁଥିଲା, ଯଦ୍ଦ୍ୱାରା ଗୋଟିଏ ପରେ ଗୋଟିଏ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଶେଷରେ ୧୯୭୯ରେ ସମଗ୍ର ଓଡିଶାରେ ସଂସ୍କୃତ ଶାସ୍ତ୍ରୀରେ ପ୍ରଥମ ସ୍ଥାନ ରଖି ପାସ୍ କଲି। ଆଉ ତା'ରି ଭିତରେ ପ୍ରାଇଭେଟ୍‌ରେ ପରୀକ୍ଷା ଦେଇ ମାଟ୍ରିକ୍, ଆଇ.ଏ., ବି.ଏ. ଓ ସଂସ୍କୃତରେ ଏମ୍.ଏ. ପାସ୍ କରିବା ସହିତ ରାଷ୍ଟ୍ର ଭାଷା ହିନ୍ଦୀରେ କୋବିଦ ଏବଂ ରତ୍ନ ମଧ୍ୟ ପାସ୍ କରିସାରିଥିଲି। ରାଷ୍ଟ୍ର ଭାଷା ରତ୍ନ ପରୀକ୍ଷାରେ ସମଗ୍ର ଭାରତ ବର୍ଷରେ ପ୍ରଥମ ହୋଇଥିବାରୁ ସ୍ୱର୍ଣ୍ଣପଦକ ବି ପାଇଥିଲି। ତେଣୁ ପଢା ସରିବା ପରେ ୧୯୮୦ରେ ଗଭର୍ନମେଣ୍ଟ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ, ନୂଆପଡ଼ାରେ ସଂସ୍କୃତ-ହିନ୍ଦୀ ଶିକ୍ଷକ ଭାବେ ମୁଁ ନିଯୁକ୍ତି ପାଇଗଲି। ଏଠାରେ ମୋତେ ଦରମା ୩୨୦ ଏବଂ ଡିଏ ୮ ଟଙ୍କା ମିଶି ମୋଟ ୩୨୮ ଟଙ୍କା ମିଳିଲା, ଯାହା ଥିଲା ମୋ ଜୀବନର ପ୍ରଥମ ରୋଜଗାର। ସେଥିରୁ ଆଗେ ୧୦୦ ଟଙ୍କା ଘରକୁ ପଠାଇଥିଲି, ବାକି ଟଙ୍କା ନିଜ ଖର୍ଚ୍ଚ ପାଇଁ ରଖିଥିଲି। ନୂଆପଡାରେ ୨ବର୍ଷ ଶିକ୍ଷକତା କରିବା ଭିତରେ ମୁଁ ସଂସ୍କୃତରେ ଆଚାର୍ଯ୍ୟ ମଧ୍ୟ ପାସ୍ କରିଗଲି। ଫଳରେ ସରକାରୀ ଉଚ୍ଚବିଦ୍ୟାଳୟ, ଥୁଆମୂଳ ରାମପୁର, କଳାହାଣ୍ଡିକୁ ସଂସ୍କୃତ ଆଚାର୍ଯ୍ୟ ଭାବେ ମୋର ବଦଳି ହେଲା। ଦେଢବର୍ଷ ପରେ ଗଭର୍ନମେଣ୍ଟ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ, କିଶୋରନଗର, ଢେଙ୍କାନାଳକୁ ପୁଣି ସଂସ୍କୃତ-ହିନ୍ଦୀ ଶିକ୍ଷକ ଭାବେ ବଦଳି ହୋଇ ଆସିଲି। ପ୍ରାୟ ଦେଢବର୍ଷ ଏଠାରେ କାମ କରିବା ପରେ କଟକସ୍ଥିତ ରାଧାନାଥ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ୍‌ରେ ସଂସ୍କୃତ-ହିନ୍ଦୀ ଶିକ୍ଷକ ଭାବେ ପାଖାପାଖି ୧୧ ବର୍ଷ କାମ କଲି। ତା'ପରେ ଭୁବନେଶ୍ୱର କ୍ୟାପିଟାଲ୍ ହାଇସ୍କୁଲ୍‌କୁ ମୋର ବଦଳି ହେଲା, ଯେଉଁଠାରେ ଏବେ ବି ମୁଁ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟରତ। ତେବେ କଳାହାଣ୍ଡିରେ ଶିକ୍ଷକତା କରୁଥିବା ସମୟରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟଙ୍କର ସାହିତ୍ୟ ଓ ସଂସ୍କୃତି ଉପରେ ଗବେଷଣା କରୁଥିଲି। ଇଚ୍ଛା ଥିଲା ଏହି ବିଷୟବସ୍ତୁ ଉପରେ ପିଏଚ୍.ଡି କରିବାକୁ। କିନ୍ତୁ ତାହା ହୋଇପାରିଲା ନାହିଁ। ଶେଷରେ ମୋତେ ଓଡିଶାର ବିଶିଷ୍ଟ ସଂସ୍କୃତ କବିମାନଙ୍କ ସମ୍ପର୍କରେ ଗବେଷଣା କରି ପିଏଚ୍.ଡି କରିବାକୁ ପଡିଥିଲା। ଏ ତ ଥିଲା ମୋର ଶିକ୍ଷାଗତ ତଥା ଶିକ୍ଷକତା ସମ୍ପର୍କିତ ଘଟଣାବଳୀ। ଏହାଛଡ଼ା ଧର୍ମ, ସଂସ୍କୃତି, ଦର୍ଶନ, ଶିକ୍ଷା, ସମାଜ ସମ୍ପର୍କିତ ପ୍ରବନ୍ଧ ଲେଖିବାରେ ମୋର ବିଶେଷ ରୁଚି ରହିଛି। ଯା'ଭିତରେ ବିଭିନ୍ନ ଖବରକାଗଜ, ପତ୍ରପତ୍ରିକାରେ ମୋର ଅନେକ ଲେଖା ମଧ୍ୟ ପ୍ରକାଶ ପାଇସାରିଲାଣି। ସେହିପରି ଆଦର୍ଶ ହିନ୍ଦୀ ଶିକ୍ଷା, ଅଭିଜାତ ପ୍ରବନ୍ଧମାଳା, ଉତ୍କଳେଷୁ ବିରଚିତାନି ସଂସ୍କୃତ ମହାକାବ୍ୟାନି ନାମରେ ୩ଟି ପୁସ୍ତକ ବି ମୋର ପ୍ରକାଶିତ ହୋଇସାରିଲାଣି। ଅନ୍ୟପକ୍ଷେ ରାଧାନାଥ ରାୟଙ୍କର 'ଚନ୍ଦ୍ରଭାଗା' କାବ୍ୟକୁ ସଂସ୍କୃତରେ ପଦ୍ୟାନୁବାଦ ବି କରିଛି କିନ୍ତୁ ତାହା ଏଯାଏଁ ପ୍ରକାଶିତ ହୋଇନି। ତା'ଛଡ଼ା ମୁଁ ଯେଉଁ ଯେଉଁ ସ୍କୁଲରେ ଶିକ୍ଷକତା କରିଛି, ସେହି ସ୍କୁଲ ମାଗାଜିନ୍‌ର ମୁଖ୍ୟ ସମ୍ପାଦକ ଭାବେ ଅନେକ ଥର ଦାୟିତ୍ୱ ମଧ୍ୟ ତୁଲାଇଛି। ଏପରି କି ମୁଁ ଅନୁକୂଳ ଚନ୍ଦ୍ରଙ୍କର ଦୀକ୍ଷା ନେଇଥିବାରୁ ସତ୍‌ସଙ୍ଗର ବିଭିନ୍ନ ମାଗାଜିନ୍‌ର ସମ୍ପାଦକୀୟ ମଣ୍ଡଳୀର ଜଣେ ସଦସ୍ୟ ହେବାର ସୌଭାଗ୍ୟ ବି ଲଭି ପାରିଛି। ଏହାଛଡ଼ା ମାଧ୍ୟମିକ ଶିକ୍ଷା ପରିଷଦ ତଥା ଓଡିଶା ସରକାରଙ୍କ ଶିକ୍ଷା ବିଭାଗରେ ସଂସ୍କୃତର ତଜ୍ଜ୍ଞ ଶିକ୍ଷକ ଭାବେ ସ୍ୱୀକୃତି ପାଇ ବହୁ ପ୍ରଶିକ୍ଷଣ ଶିବିରରେ ପାଠ୍ୟଦାନ ମଧ୍ୟ କରିଛି। ଏପରି କି ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ପ୍ରକାଶ ପାଉଥିବା କେତେକ ସଂସ୍କୃତ ବହିଗୁଡ଼ିକର ଲେଖକ ଭାବେ ବି ଦାୟିତ୍ୱ ବହନ କରିଛି, ଯାହା ମୋ ପାଇଁ ବେଶ୍ ଖୁସିର କଥା। ଏହାବ୍ୟତୀତ ମାଧ୍ୟମିକ ଶିକ୍ଷା ପରିଷଦର ସିଲାବସ୍ କମିଟିର ସଦସ୍ୟ ଭାବେ ବହୁଦିନ ଧରି କାର୍ଯ୍ୟ କରିଛି ଏବଂ ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମଗୁଡ଼ିକରେ ବି ଅଂଶ ଗ୍ରହଣ କରିଛି। ତେବେ ଶେଷରେ କେବଳ ଏତିକି କହିବି, ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିପାରିଛି, ତା' ପଛରେ ମୋ ଧର୍ମପତ୍ନୀ ସୌଭାଗ୍ୟଲକ୍ଷ୍ମୀ ଆଚାର୍ଯ୍ୟଙ୍କର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# ନମିତା ଗୋଖ୍‌ଲେ







**ନମିତା ଗୋଖ୍‌ଲେ ତାଙ୍କ ଲେଖାରେ ଦର୍ଶାଇଛନ୍ତି ଭାରତୀୟ ପରମ୍ପରାର ବାସ୍ନା, ଐତିହ୍ୟର ସ୍ୱାଦ ପୁଣି ବଦଳୁଥିବା ମାନସିକତାର ଦ୍ୱନ୍ଦ୍ୱ। ଅଦ୍ୟାବଧି ସେ ୧୬ଟି ପୁସ୍ତକ ରଚନା କରିସାରିଛନ୍ତି। ସେଥିମଧ୍ୟରୁ ନ'ଗୋଟି ହେଉଛି ଉପନ୍ୟାସ...**

ଭାରତୀୟ ଇଂରାଜୀ ସାହିତ୍ୟକୁ ବହୁ ଭାବେ ସମୃଦ୍ଧ କରିଥିବା ଲେଖିକାମାନଙ୍କ ମଧ୍ୟରେ ନମିତା ଗୋଖ୍‌ଲେ ଅନ୍ୟତମ। ତାଙ୍କ ଲେଖାରେ ମିଳେ ଭାରତୀୟ ପରମ୍ପରାର ବାସ୍ନା, ଐତିହ୍ୟର ସ୍ୱାଦ ପୁଣି ବଦଳୁଥିବା ମାନସିକତାର ଦ୍ୱନ୍ଦ୍ୱ। ଅଦ୍ୟାବଧି ସେ ୧୬ଟି ପୁସ୍ତକ ରଚନା କରିସାରିଛନ୍ତି। ସେଥିମଧ୍ୟରୁ ନ'ଗୋଟି ହେଉଛି ଉପନ୍ୟାସ। ତାଙ୍କ ରଚିତ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି– 'ପାରୋ: ଡ୍ରିମ୍ସ ଅଫ୍ ପ୍ୟାସନ୍', 'ଗଡ୍‌ସ, ଗ୍ରେଭ୍‌ସ ଆଣ୍ଡ ଗ୍ରାଣ୍ଡମଦର', 'ଏ ହିମାଳୟାନ୍ ଲଭ୍ ଷ୍ଟୋରି', 'ଦି ବୁକ୍ ଅଫ୍ ସାଡୋଜ୍', 'ଶକୁନ୍ତଳା : ଦି ପ୍ଲେ ଅଫ୍ ମେମୋରି', 'ପ୍ରିୟା : ଇନ୍ ଇନ୍‌କ୍ରେଡିବଲ ଇଣ୍ଡିଆ', 'ଦି ହାବିଟ୍ ଅଫ୍ ଲଭ୍', 'ଥିଙ୍ଗ୍‌ସ ଟୁ ଲିଭ୍ ବିହାଇଣ୍ଡ', 'ଲଷ୍ଟ ଇନ୍ ଟାଇମ୍ : ଘଟୋତ୍କଚ ଆଣ୍ଡ ଦ ଗେମ୍ ଅଫ୍ ଇଲ୍ୟୁଜନ୍'।

**ସାହିତ୍ୟ ସଂସାର:** 'ପାରୋ: ଡ୍ରିମ୍ସ ଅଫ୍ ପ୍ୟାସନ୍' ହେଉଛି ତାଙ୍କର ପ୍ରଥମ ଉପନ୍ୟାସ। ଏହି ଉପନ୍ୟାସରେ ଆଭିଜାତ୍ୟ ମଣିଷମାନଙ୍କ କଥାକୁ ବେଶ୍ କଳାତ୍ମକ ଢଙ୍ଗରେ ବଖାଣିଛନ୍ତି ଔପନ୍ୟାସିକା। ଧନୀ ଆଭିଜାତ୍ୟ ବର୍ଗର ସମାଜକୁ ସେ ଏକ ଜଙ୍ଗଲ ସଦୃଶ ବର୍ଣ୍ଣନା କରିଛନ୍ତି। ସେ ଜଙ୍ଗଲରେ ମଣିଷ ବିଲ୍‌କୁଲ ଗୋଟେ ଯନ୍ତ୍ର। ଜୀବନ କେବଳ ଅର୍ଥ ଆଉ ଶାରୀରିକ ଉପଭୋଗ ମଧ୍ୟରେ ସୀମିତ। କାହାର କାହା ପ୍ରତି ସମୟ ନାହିଁ। କାହାର କାହା ପ୍ରତି ମମତା ନାହିଁ କିମ୍ବା ଜଣକର ଆଉ ଜଣକ ପ୍ରତି ଭାବପ୍ରବଣତା ନାହିଁ। ଏ ଉପନ୍ୟାସ ପ୍ରକାଶିତ ହେବା ପରେ ସାହିତ୍ୟର କ୍ରିଟିକ୍‌ମାନେ ନମିତା ଗୋଖ୍‌ଲେଙ୍କୁ ଭାରତୀୟ ଉପନ୍ୟାସ ଜଗତରେ ଏକ ନୂତନ ଧାରାର ଅଭ୍ୟୁଦୟ ହେଲା ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କର ପରବର୍ତ୍ତୀ ଉପନ୍ୟାସ 'ଶକୁନ୍ତଳା : ଦ ପ୍ଲେ ଅଫ୍ ମେମୋରି'। 'ଶକୁନ୍ତଳା : ଦ ପ୍ଲେ ଅଫ୍ ମେମୋରି'ରେ ରହିଛି ଗୋଟେ ଆଦିବାସୀ ଝିଅର ପ୍ରେମ, ପ୍ରଣୟ, ପ୍ରତୀକ୍ଷା, ବିଫଳତା ଏବଂ ଆହୁରି ଅନେକ କଥା। କ୍ରିଟିକ୍‌ମାନେ କହନ୍ତି, ନମିତା ଗୋଖ୍‌ଲେଙ୍କ ଉପନ୍ୟାସ 'ଶକୁନ୍ତଳା : ଦ ପ୍ଲେ ଅଫ୍ ମେମୋରି'ର ଆଧାର ହେଉଛି ମହାକବି କାଳିଦାସଙ୍କ ପ୍ରସିଦ୍ଧ ବିୟୋଗାବନ୍ତ ପ୍ରଣୟ ନାଟକ 'ଅଭିଜ୍ଞାନ ଶାକୁନ୍ତଳମ୍'। ଏହାସତ୍ତ୍ୱେ ଏକଥା କୁହାଯାଇପାରେ ଯେ, କାଳିଦାସଙ୍କ 'ଶକୁନ୍ତଳା' ଏବଂ ନମିତାଙ୍କ 'ଶକୁନ୍ତଳା' ମଧ୍ୟରେ ରହିଛି ଆକାଶ ପାତାଳର ଫରକ।

**ମୌଳିକ କାହାଣୀର ଲେଖିକା:** ବିଶ୍ୱରେ ଭାରତୀୟ ଇଂରାଜୀ ସାହିତ୍ୟର ରହିଛି ଏକ ବିଶେଷ ଆଦର। ଭାରତୀୟ ମୌଳିକ କାହାଣୀ, ଏଠାକାର ଜନଜୀବନ ତଥା ଆଦର୍ଶ, ପରମ୍ପରାର କଥା ଭାରତୀୟ ସାହିତ୍ୟକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ଆଣିଦେଇଛି। ନମିତା ଗୋଖ୍‌ଲେଙ୍କ ରଚନାରେ ଏସବୁର ଭରପୂର ପ୍ରବେଶ ଦେଖିବାକୁ ମିଳିଥାଏ। ତାଙ୍କର ଏକ ବହୁ ଲୋକପ୍ରିୟ ରଚନା ହେଉଛି 'ଥିଙ୍ଗ୍‌ସ ଟୁ ଲିଭ୍ ବିହାଇଣ୍ଡ'। ଏହି ବହିକୁ ଭୋପାଳ ଲିଟରେଚର ଆଣ୍ଡ ଆର୍ଟ ଫେଷ୍ଟିଭାଲ୍‌ରେ ଭୂରିଭୂରି ପ୍ରଶଂସା କରାଯିବା ସହିତ ଏହି ପୁସ୍ତକକୁ 'ବେଷ୍ଟ ବୁକ୍ ଅଫ୍ ଫିକ୍ସନ' ଭାବେ ପୁରସ୍କୃତ କରାଯାଇଥିଲା। ସେତିକି ନୁହେଁ, ୱାର୍ଡ଼ ଇଣ୍ଟରନ୍ୟାଶନାଲ ଲିଟରେଚର ଫେଷ୍ଟିଭାଲ୍‌ରେ ମଧ୍ୟ ଏହି ବହିକୁ ବେଷ୍ଟ ଇଂଲିଶ ଫିକ୍‌ସନ୍ ଭାବରେ ଜୁରି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ଗ୍ରହଣ ଅବସରରେ ନମିତା କହିଥିଲେ ଯେ, ଭାରତୀୟ ମାଟି, ପାଣି, ପବନର ବାସ୍ନା ତାଙ୍କୁ ସବୁବେଳେ ମୁଗ୍ଧ କରେ। ସେସବୁକୁ ସେ ତାଙ୍କ ଲେଖାର କଞ୍ଚାମାଲ ଭାବରେ ଗ୍ରହଣ କରନ୍ତି। ଖାସ୍ ସେଇଥିପାଇଁ 'ଥିଙ୍ଗ୍‌ସ ଟୁ ଲିଭ୍ ବିହାଇଣ୍ଡ' ପୁସ୍ତକଟି ସର୍ବାଧିକ ଲୋକପ୍ରିୟ। ନମିତା ଗୋଖ୍‌ଲେ ପାଇଥିବା ଅନ୍ୟ ଏକ ମର୍ଯ୍ୟାଦାଜନକ ପୁରସ୍କାର ହେଉଛି ସୁଶୀଳାଦେବୀ ଲିଟରେଚର ପୁରସ୍କାର।



**ବୃତ୍ତି ପ୍ରବୃତ୍ତିରେ ସାହିତ୍ୟ:** ୧୯୫୬ରେ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ନମିତା ଗୋଖ୍‌ଲେଙ୍କ ଜନ୍ମ। ତାଙ୍କର ପିଲାବେଳ ଦିଲ୍ଲୀ ଏବଂ ନୈନିତାଲ ମଧ୍ୟରେ ଅତିବାହିତ ହୋଇଛି। ତାଙ୍କ ଜୀବନର ବହୁଳାଂଶ ସେ ହିମାଳୟ ପାଦଦେଶରେ ବିତାଇଛନ୍ତି ଆଉ ହିମାଳୟର ମହାନତାକୁ ମର୍ମେମର୍ମେ ଅନୁଭବ କରିଛନ୍ତି। ଅଠର ବର୍ଷ ବୟସରେ ନମିତାଙ୍କର ବିବାହ ହୋଇଥିଲା ରାଜୀବ ଗୋଖ୍‌ଲେଙ୍କ ସହିତ। ଛାତ୍ରୀ ଜୀବନରୁ ସାହିତ୍ୟକୁ ନେଇ ବେଶ୍ ସ୍ୱର୍ଶକାତର ଥିଲେ ନମିତା। ପୁଣି ଭାରତୀୟ ସାହିତ୍ୟକୁ ନେଇ ରହିଥିବା ରକ୍ଷଣଶୀଳ ଚିନ୍ତାଧାରା ବିରୋଧରେ ସ୍ୱର ଉଠାଇବାକୁ ସେ କଦାପି ବି ଦ୍ୱିଧା କରୁ ନ ଥିଲେ। ଏମିତି କି ସାହିତ୍ୟ ପାଠ୍ୟ ଖସଡ଼ାରେ ଥିବା ତ୍ରୁଟିବିଚ୍ୟୁତିକୁ ସାମ୍ନାକୁ ଆଣିବାକୁ ଯାଇ ତାଙ୍କୁ ଏକାଧିକଥର ସ୍କୁଲ୍‌ରୁ 'ଡ୍ରପ୍ ଆଉଟ୍' ହେବାକୁ ପଡ଼ିଛି। ତଥାପି ସେ ସଂସ୍କୃତି, ପରମ୍ପରା, ଐତିହ୍ୟ ସହିତ କେବେ ବି ସାଲିସ୍ କରିନାହାନ୍ତି। ସମ୍ଭବତଃ ସେଇଥିପାଇଁ ବିଶ୍ୱ ସାହିତ୍ୟ ଆଲୋଚନାରେ ଯେତେବେଳେ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସାହିତ୍ୟ କଥା ଉଠେ, ସେତେବେଳେ ନମିତା ଗୋଖ୍‌ଲେଙ୍କ ନାମକୁ ବେଶ୍ ସମ୍ଭ୍ରମତାର ସହିତ ଉଚ୍ଚାରଣ କରାଯାଇଥାଏ।



ଅଞ୍ଜଳି

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ**

# ହାଃ ହାଃ

## ଡର ଲାଗୁଛି


ପୁଅ-ବାପା, ମୁଁ ବାହାହେବିନି। ମତେ ସବୁ ସ୍ତ୍ରୀ ଲୋକଙ୍କୁ ଡର ଲାଗୁଛି।
ବାପା- ବାହା ହେଇଯା'ରେ ପୁଅ। କାହିଁକି ନା ବାହାଘର ପରେ କେବଳ ଜଣେ ମହିଳାଙ୍କୁ ଡର ଲାଗିବ। ଆଉ ଅନ୍ୟ ସମସ୍ତେ ଭଲ ଲାଗିବେ।

## ଗଧ

ବସ୍ ମୋହନ ଉପରେ ରାଗିକି- କେବେ ଗଧ ଦେଖିଛୁ?
ମୋହନ ତଳକୁ ମୁଣ୍ଡ କରି ଠିଆ ହୋଇଥାଏ।
ବସ୍- ତଳକୁ କ'ଣ ଦେଖୁଛୁ? ମତେ ଦେଖ୍।

## ପୂଜା

ମହିଳା ପୂଜାରୀଙ୍କୁ- ଗୋଟେ ପୂଜା କରେଇବି।
ପୂଜାରୀ- କ'ଣ ଝିଅର ବାହାଘର ଠିକ୍ ହୋଇପାରୁନି?
ମହିଳା- ନା ନା। ଆଜିକାଲି ତା'ର ହ୍ୱାଟ୍ସ ଆପ୍ ଓ ଫେସ୍‌ବୁକ୍‌ରେ ଆଗଭଳି ଲାଇକ୍ ଆସୁନି। ସେଥିପାଇଁ ପୂଜା କରେଇବି।



# ଐତିହାସିକ ସହର ସତ୍ନା



**ମଧ୍ୟପ୍ରଦେଶର ସତ୍ନା ନିଜର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ପାଇଁ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି । ଖାସ୍‌କରି ଇତିହାସ ଓ କଳାସଂସ୍କୃତିରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଖାସ୍ ସ୍ଥାନ...**

ମଧ୍ୟପ୍ରଦେଶର ଏକ ପ୍ରାଚୀନ ସହର ସତ୍ନା, ଯାହା ନିଜର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ପାଇଁ ବେଶ୍ ଜଣାଶୁଣା । ସେହିପରି ଏଠାକାର ଧାର୍ମିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ବର୍ଷସାରା ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ସେଥିପାଇଁ ତ ଇତିହାସ ତଥା କଳା,ସଂସ୍କୃତି ପ୍ରତି ରୁଚିଥିବା ଆଗନ୍ତୁକଙ୍କ ନିମନ୍ତେ ଏହା ଏକ ଖାସ୍ ସ୍ଥାନ କହିଲେ ଭୁଲ୍ ହେବ ନାହିଁ ।

## କ'ଣ ଦେଖିବେ

ସତ୍ନା ଏକ ପ୍ରାଚୀନ ସ୍ଥଳ, ଯେଉଁଠାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ଚିତ୍ରକୂଟ ଓ ମୈହର ହେଉଛି ଏଠାକାର ଦୁଇ ପ୍ରସିଦ୍ଧ ଧାର୍ମିକସ୍ଥଳ । ସେହିପରି ବୌଦ୍ଧଧର୍ମ ସହ ସମ୍ପର୍କ ଥିବା ଭରହୁତ ମଧ୍ୟ ଏଠାକାର ଅନ୍ୟ ଏକ ଲୋକପ୍ରିୟ ଦର୍ଶନୀୟ ସ୍ଥାନ । ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ମନ୍ଦିର ଯେମିତିକି, ଲକ୍ଷ୍ମୀନାରାୟଣ ମନ୍ଦିର, ବଡ଼ ମନ୍ଦିର, ଭେଙ୍କଟେଶ ମନ୍ଦିର, ଶ୍ରୀବିହାରୀ ମନ୍ଦିର, ସତ୍ୟନାରାୟଣ ମନ୍ଦିର, ପ୍ରଣାମୀ ମନ୍ଦିର ଆଦି ଦେଖିବାକୁ ପାଇବେ । ଅନ୍ୟପକ୍ଷେ ସତ୍ନା ଜଙ୍କ୍‌ସନ ରେଲୱେ ଷ୍ଟେଶନଠାରୁ ମାତ୍ର ୭ କି.ମି. ଦୂରରେ ଥିବା ମାଧବଗଡ଼ ଦୁର୍ଗ ବି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ । ତେବେ ସତ୍ନା ବୁଲି ଆସୁଥିବା ପର୍ଯ୍ୟଟକ ଯଦି ଚାହିଁବେ ସେଠାରୁ କିଛି ଦୂରରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଖଜୁରାହୋ ଏବଂ ଜବଲପୁର ମଧ୍ୟ ବୁଲିବାକୁ ଯାଇପାରିବେ । ଏଠାରେ ସେମାନଙ୍କୁ ଏକ ନିଆରା ଅନୁଭୂତି ମିଳିପାରିବ ।

## ଫଟୋଗ୍ରାଫି ସହ ପାରମ୍ପରିକ ଭୋଜନର ମଜା ନେଇପାରିବେ


ସତ୍ନାରେ ଫଟୋଗ୍ରାଫି ପାଇଁ ବେଶ୍ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ରହିଛି । ତେଣୁ ଫଟୋଗ୍ରାଫିରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କର ଏଠାରେ ସର୍ବଦା ଭିଡ଼ ଲାଗୁଥିବା ଦେଖିବାକୁ ମିଳେ । ସେହିପରି ସତ୍ନାର ପାରମ୍ପରିକ ଭୋଜନର ସ୍ୱାଦ ହିଁ କିଛି ନିଆରା । ବେଶ୍ ସୁଲଭ ଦରରେ ଏଠାରେ ସୁସ୍ୱାଦୁ ଭୋଜନର ଆନନ୍ଦ ନେବା ପାଇଁ ପର୍ଯ୍ୟଟକ ଏଠାକୁ ଟାଣି ହୋଇ ଆସିଥାନ୍ତି ।

## କେବେ ଯିବେ


ଏଠାକୁ ବର୍ଷର ଯେ କୌଣସି ସମୟରେ ବୁଲିଯାଇହେବ । ତେବେ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ର ଅନୁଯାୟୀ, ଏଠାକୁ ଯିବା ପାଇଁ ଅକ୍ଟୋବରରୁ ଏପ୍ରିଲ ହେଉଛି ସବୁଠୁ ଭଲ ସମୟ । କାରଣ ଏହି ସମୟରେ ବୁଲାବୁଲି କରିବା ପାଇଁ ପାଣିପାଗ ବେଶ୍ ଅନୁକୂଳ ରହିଥାଏ ।

## କେମିତି ଯିବେ

ଏଠାକୁ ପରିବହନର ତିନୋଟି ମାର୍ଗରେ ଯିବାର ବ୍ୟବସ୍ଥା ରହିଛି । ସତ୍ନାର ନିଜର ଏକ ଏୟାରଷ୍ଟ୍ରିପ୍ ମଧ୍ୟ ଅଛି । ତା'ଛଡ଼ା ଖଜୁରାହୋ ତଥା ଜବଲପୁର ଏୟାରପୋର୍ଟ ହେଉଛି ଏହାର ଦୁଇ ନିକଟତମ ପ୍ରମୁଖ ବିମାନବନ୍ଦର, ଯାହା ସତ୍ନାଠାରୁ ଯଥାକ୍ରମେ ୧୧୨ ଓ ୨୦୦ କି.ମି. ଦୂରରେ ଅବସ୍ଥିତ । ସେହିପରି ସତ୍ନା ଜଙ୍କ୍‌ସନ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ରେଲଷ୍ଟେଶନ । ଅନ୍ୟପକ୍ଷେ ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ଏଠାକୁ ଯା'ଆସ କରିଥାଏ । ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ସତ୍ନାରେ ପହଞ୍ଚିପାରିବେ ।











# ସବୁଠୁ ଜୋର୍‌ରେ ଭୁକୁଥିବା କୁକୁର

ଚାର୍ଲି, ଅଷ୍ଟ୍ରେଲିଆର ଏକ ୬ ବର୍ଷୀୟ ଗୋଲ୍ଡେନ୍ ରିଟ୍ରିଭର ପ୍ରଜାତିର କୁକୁର। ଦେଖିବାକୁ ଭାରି କ୍ୟୁଟ୍। ଏବେ ସେ ସାରା ପୃଥିବୀରେ ପରିଚିତ। କାରଣ ତା'ର ନାଁ ସବୁଠାରୁ ଜୋର୍‌ରେ ଭୁକୁଥିବା କୁକୁରଭାବେ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି। ୧୧୩.୧ ଡେସିବଲ ପର୍ଯ୍ୟନ୍ତ ସେ ଭୁକିପାରେ। ପୂର୍ବରୁ ଏହି ରେକର୍ଡ ୧୦୯ ଡେସିବଲ ଥିଲା। ଚାର୍ଲିର ମାଲିକ ବେଲିଣ୍ଡା ଫ୍ରିବେର୍ନ କହନ୍ତି, ''ଚାର୍ଲି ମାତ୍ର ଏକବର୍ଷ ବୟସର ହୋଇଥିବାବେଳେ ସେ ଖୁବ୍ ଜୋର୍‌ରେ ଭୁକିବା ଆରମ୍ଭ କରିଥିଲା। ତେବେ ସେ କେବେବି ଘର ଭିତରେ ଭୁକି ନ ଥାଏ। ଶାନ୍ତ ରହେ। କମାଣ୍ଡ ଦେଲେ ହିଁ ଭୁକେ। ସାଇପଡ଼ିଶା ଲୋକ ବି ଚାର୍ଲିକୁ ନେଇ କେବେ ଅଭିଯୋଗ କରିନାହାନ୍ତି। କାରଣ ଖୁବ୍ ଜୋର୍‌ରେ ଭୁକିଲେ ବି ସେ କେବେ କାହାକୁ କାମୁଡ଼ି ନ ଥାଏ।'' ଚାର୍ଲିକୁ ନେଇ ଏବେ ଫ୍ରିବେର୍ନ ଓ ତାଙ୍କ ତିନି ସନ୍ତାନ ବେଶ୍ ଗର୍ବିତ।

## କାର୍ଟୁନ କର୍ନର



# ରଙ୍ଗ ଲଗେଇବେ ରଙ୍ଗମହଲ

ଯାହା ମନ ଚାହେଁ ତାହା ସହଜରେ ମିଳେନି। ଆଉ ଯାହା ସହଜରେ ମିଳିଯାଏ ସେଥିରେ ମନ ବୁଝେନି। ସେଥିପାଇଁ ସମୟକୁ ଅପେକ୍ଷା କରିବାକୁ ପଡ଼େ। ଅମଡ଼ା ବାଟରେ ଚାଲି ଲହୁଲୁହାଣ ହେବାକୁ ହୁଏ। ତା'ପରେ ଯାଇ ମିଳେ ଇପ୍‌ସିତ ଫଳ! ଯେମିତି ଅଭିନେତା ଗୁରୁପ୍ରସାଦ ପୃଷ୍ଟି। ଇଚ୍ଛା ଥିଲା ମୁହଁରେ ରଙ୍ଗ ବୋଳିବେ। ସ୍ୱପ୍ନ ଥିଲା ଜଣେ ହାସ୍ୟାଭିନେତା ହେବେ। ଅବଶ୍ୟ ଆଜି ତାଙ୍କ ମୁହଁରେ ରଙ୍ଗ ଲାଗିବାର ଅବକାଶ ସୃଷ୍ଟି ହୋଇଛି। ସେ ଆସନ୍ତା ଯାତ୍ରା ସିଜନ୍‌ରେ ଓଡ଼ିଶାର ପ୍ରତିଷ୍ଠିତ ଯାତ୍ରାନୁଷ୍ଠାନ 'ରଙ୍ଗମହଲ'ରେ ଯୋଗଦେଇ ନିଜର ସ୍ୱପ୍ନକୁ ପୂରା କରିବାକୁ ଯାଉଛନ୍ତି। ତେବେ ଏସବୁ କ'ଣ ତାଙ୍କୁ ଏତେ ସହଜରେ ମିଳିଛି ?


ଗୁରୁପ୍ରସାଦ ପୃଷ୍ଟି

ଗୁରୁଙ୍କର ପାଠପଢ଼ା ଆରମ୍ଭ ହୁଏ କଟକରେ। ଚାରିବର୍ଷ ପରେ ମା' ପଦ୍ମାବତୀ ତାଙ୍କୁ ପଠେଇଦିଅନ୍ତି ଯୋରନ୍ଦା। ଯୋରନ୍ଦାରେ ଏକ ହଷ୍ଟେଲ୍‌ରେ ରହି ପାଠପଢ଼ନ୍ତି ଗୁରୁ। ପୁଣି ସେଇ ଯୋରନ୍ଦାରେ ହିଁ ହୁଏ ତାଙ୍କ କଳାକାର ଜୀବନର ଖଡ଼ିଛୁଆଁ। ଯୋରନ୍ଦାକୁ ପ୍ରତିବର୍ଷ ଏକାଧିକ ଯାତ୍ରାନୁଷ୍ଠାନ ଆସି ସେମାନଙ୍କର ନାଟକ ପରିବେଷଣ କରନ୍ତି। ସାଙ୍ଗମାନଙ୍କ ସହିତ ଗୁରୁ ନାଟକ ଦେଖନ୍ତି। ନାଟକ ଦେଖୁଦେଖୁ ଭାବୁଥାନ୍ତି : ମୁଁ ବି ଦିନେ କଳାକାର ହେବି। ମୋତେ ବି ଲୋକମାନେ ଏଇମିତି ରାତି ଅନିଦ୍ରା ହୋଇ ଦେଖିବେ।

ସମୟ ଗଡ଼େ। ଗୁରୁ ମାଟ୍ରିକ ପାସ କରି ଫେରିଆସନ୍ତି କଟକ। ନାମ ଲେଖାନ୍ତି ଖ୍ରୀଷ୍ଟ ମହାବିଦ୍ୟାଳୟରେ। କଟକ ସହରର ସାଂସ୍କୃତିକ ବାତାବରଣ ଗୁରୁଙ୍କ ଭିତରର ଅଭିନୟ ଦୁର୍ବଳତାକୁ ତେଜିଆନ କରିଦିଏ। ସେ ଅନ୍ନପୂର୍ଣ୍ଣା ବି' ଗ୍ରୁପ୍‌ରେ ଯୋଗଦେଇ ଅଭିନୟ ଆରମ୍ଭ କରିଦିଅନ୍ତି। ଯୁଗ ପ୍ରକାଶ କାନୁନ୍‌ଗୋଙ୍କ ନିର୍ଦ୍ଦେଶିତ ପ୍ରଥମ ନାଟକ 'ଭିନ୍ନ ଦେବଦାସୀ ଅନ୍ୟ ଏକ ବଂଶୀ'ର ଗଉଡ଼ ଟୋକା ଚରିତ୍ର ତାଙ୍କୁ ଆଣିଦିଏ ଦର୍ଶକଙ୍କ ସାବାସୀ। ପୁଣି ଖ୍ରୀଷ୍ଟ କଲେଜରେ ଡ୍ରାମା କରି ସେ ପାଆନ୍ତି ଶ୍ରେଷ୍ଠ ଅଭିନେତାର ସାର୍ଟିଫିକେଟ୍। ପଛକୁପଛ ତାଙ୍କୁ ମିଳିଯାଏ ଗୋଟିଏ ପରେ ଗୋଟିଏ ଥିଏଟର ଡ୍ରାମା ; ଯଥା– 'ଏମିତି ବି ହୁଏ', 'ମର୍ତ୍ତ୍ୟରେ ଦିନେ', 'ବାବୁ ବାଥ୍‌ରୁମ୍‌ରେ', ଶ୍ରଦ୍ଧାଞ୍ଜଳି ନାଟ୍ୟସଂସ୍ଥା ପ୍ରଯୋଜିତ ନାଟକ 'ନିର୍ଯାତୀତ', 'ବେଳେବେଳେ ଏମିତି ହୁଏ', ଗୋପାଳ ଛୋଟରାଏଙ୍କ ରଚିତ 'ଘଟକ', 'ଟିକେ ରୁହ ଦୁଇ ମିନିଟ୍' ଏବଂ ଆହୁରି ଅନେକ।

ଅଭିନୟ ପ୍ରେମରେ ପଡ଼ିଥିବା ଗୁରୁ ନିଜକୁ କେବଳ ମଞ୍ଚରେ ସୀମିତ ରଖନ୍ତିନି। 'ଗାଁ ଆଖେଡ଼ା', 'କମେଡ଼ି କ୍ଲବ୍', 'ଆଜ୍ଞା ମାଇଣ୍ଡ କଲେ କି', 'ଗ୍ରେଟ୍ ଓଡ଼ିଶା ପଲିଟିକାଲ ସର୍କସ', 'ଦୁର୍ଗା' ଆଦି ସିରିଏଲ୍‌ରେ ଅଭିନୟ କରନ୍ତି। ଯାତ୍ରା ନାୟକ ସୁବାସ ବେହେରା ତାଙ୍କୁ ପରାମର୍ଶ ଦିଅନ୍ତି ସହ–ନିର୍ଦ୍ଦେଶକ ସାଜିବାକୁ। ଇଂ ଆଶୁତୋଷ ମହାପାତ୍ରଙ୍କ ସହ 'ଦେଖିଲେ ଜାଣିବ ଦରଦ କେତେ', 'ଅଦେଖା ଦୁଃଖ', 'ସତ ହେଇଗଲା ସାତ ସପନ', ମହେଶ ହାଜରାଙ୍କ ସହ 'ମୃତ୍ୟୁଦଣ୍ଡ', ବିନୋଦ ରାଉତଙ୍କ ସହ 'କିଛି ଲୁହ ପିଇଯାଏ ଓଠ', ପ୍ରଦୀପ ବେହେରାଙ୍କ ସହ 'ଏମିତି ସ୍ତ୍ରୀକୁ ଶହେ ସଲାମ' ଆଦି ନାଟକରେ ସହ ନିର୍ଦ୍ଦେଶନା ଭାର ସମ୍ଭାଳନ୍ତି। ଗୁରୁଙ୍କର ପ୍ରତିଭା ବଣମଲ୍ଲୀର ବାସ୍ନା ପରି ଚହଟୁଥାଏ। ସବୁବେଳେ ନୂଆମାନଙ୍କୁ ଆଦର କରୁଥିବା 'ରଙ୍ଗମହଲ' ଯାତ୍ରାନୁଷ୍ଠାନର ମାଲିକ ତଥା ଅଭିନେତା ସତ୍ୟ ଯେନାଙ୍କ ନିକଟରେ ସେ ବାସ୍ନା ପହଞ୍ଚେ। ସେ ଗୁରୁଙ୍କୁ ଡାକନ୍ତି ଆଉ କହନ୍ତି : 'ମୁଁ ଚାହେଁ ତୁମେ 'ରଙ୍ଗମହଲ'ରେ ହାସ୍ୟାଭିନେତା ଭାବରେ ଯୋଗଦିଅ।' ପ୍ରଥମେ ବିଶ୍ୱାସ କରିପାରନ୍ତିନି ଗୁରୁ। କାନ୍ଦକାନ୍ଦ ହୋଇଯାଏ ଆଖି। ଭାବନ୍ତି : ସତକୁସତ କ'ଣ ତାଙ୍କର ସ୍ୱପ୍ନ ସତ ହେବାକୁ ଯାଉଛି। ଗୁରୁ କହନ୍ତି : 'ରଙ୍ଗମହଲ' ତାଙ୍କ ମନରେ ସତସତିକା ରଙ୍ଗ ଲଗେଇ ଦେଇଛି। ସେ ବି ଦର୍ଶକମାନଙ୍କୁ ନିରାଶ କରିବେ ନାହିଁ। ନୂଆ ତରିକାରେ ହାସ୍ୟରସ ପରିବେଷଣ କରି ଦର୍ଶକଙ୍କ ମନରେ ନିଶ୍ଚିତ ଭାବରେ ରଙ୍ଗ ଲଗେଇବେ।

# ବିଶ୍ୱ ଦରବାରର ବାପା ମା'

ଜଣେ 'ଓଡ଼ିଶା ଅପେରା'ର ବହୁ ଲୋକପ୍ରିୟ ନାଟକ 'ଶ୍ରୀକୃଷ୍ଣ ଆସୁଛନ୍ତି'ର ନାୟକ ଶ୍ରୀକୃଷ୍ଣ। ଆଉ ଜଣେ ହେଉଛନ୍ତି ଯାତ୍ରା ଜଗତର ସବୁଠୁ ବେଶି ଚର୍ଚ୍ଚିତ ନାଟକ 'ମୋ ପେଁକାଳି ବଜେଇ ଦେ'ର ସାନଭଉଣୀ ମିତା। ସେମାନେ ହେଉଛନ୍ତି ଯାତ୍ରା ଜଗତର ଅନ୍ୟତମ ସଫଳ ଦମ୍ପତି ଗୌର ପାଢ଼ୀ ଏବଂ ସୁକାନ୍ତି ପାଢ଼ୀ। ଜଗତ୍‌ସିଂହପୁର ଜିଲା ପୋଖରିଆପଡ଼ାର ଝିଅ ସୁକାନ୍ତି ପରିବାରର ଆର୍ଥିକ ସମସ୍ୟାକୁ ସୁଧାରିବା ପାଇଁ ତଥା ନିଜର ଭଉଣୀମାନଙ୍କୁ ମଣିଷ କରିବା ଲାଗି ଆସନ୍ତି ଯାତ୍ରାକୁ। ପ୍ରଥମେ ସେ ଜଣେ ଅଭିନେତ୍ରୀ ଭାବରେ ଯୋଗଦିଅନ୍ତି 'ଜୟ ମା' ମଙ୍ଗଳା' ଗଣନାଟ୍ୟରେ। ପ୍ରଥମ ନାଟକ 'ଅନ୍ଧ ଆଖିରେ ଚଷମା'ରେ ନାୟିକା ଭାବେ ଅଭିନୟ କରି ସେ ପାଆନ୍ତି ଦର୍ଶକୀୟ ସ୍ୱୀକୃତି। ବାସ୍, ଯାତ୍ରା ଜଗତର ପାହାଚ ଚଢ଼ିବା ପାଇଁ ତାଙ୍କ ଆଗରେ ବାଟ ଖୋଲିଯାଏ। ସେହି 'ଜୟ ମା' ମଙ୍ଗଳା' ଗଣନାଟ୍ୟରେ ଭେଟ ହୁଏ ତାଙ୍କର ଭାବୀ ସ୍ୱାମୀ ତଥା ଅଭିନେତା ଗୌର ପାଢ଼ୀଙ୍କ ସହିତ। କେନ୍ଦୁଝର ଜିଲା ଆନନ୍ଦପୁର ହେଉଛି ଗୌରବାବୁଙ୍କ ଜନ୍ମସ୍ଥାନ। ୧୯୮୪ରେ ସେ ଦାମନଯୋଡ଼ିସ୍ଥିତ ନାଲ୍‌କୋରେ ଚାକିରି କରିଥିଲେ। ମାତ୍ର ଚାକିରି ପ୍ରତି ନୁହେଁ ; ଯାତ୍ରା ଆଡ଼କୁ ଥିଲା ତାଙ୍କର ନଜର। ସେ ନାଲ୍‌କୋ ଛାଡ଼ି ଘରକୁ ଫେରି ଆସିଲେ। ତେବେ କିଛିଦିନ ବାପାମା'ଙ୍କ କଥା ମାନି ଟିଚରଶିପ୍ ମଧ୍ୟ କଲେ। ହେଲେ ଯଥା ପୂର୍ବଂ ତଥାପର। କେଉଁଥିରେ ତାଙ୍କର ମନ ଲାଗୁ ନ ଥିଲା। ରଙ୍ଗମଞ୍ଚ ଯେମିତି ତାଙ୍କୁ ହାତ ଠାରି ଡାକୁଥିଲା। ଦୁଇବର୍ଷରେ ଶିକ୍ଷକତା ଛାଡ଼ି ସେ ଯୋଗଦେଲେ ଓଡ଼ିଶା ଅପେରାରେ। ସେତେବେଳେ ଓଡ଼ିଶା ଅପେରା ଥିଲା ଓଡ଼ିଶାର ପ୍ରମୁଖ ଯାତ୍ରାନୁଷ୍ଠାନ। ମାସିକ ଦରମା ଥିଲା ୪୦୦ଟଙ୍କା ମାତ୍ର। ସେଥିପ୍ରତି ଗୌରଙ୍କର ନିଘା ନ ଥିଲା। ତାଙ୍କ ଆଖିରେ ଲାଗିଥିଲା ରଙ୍ଗିନ ରଙ୍ଗମଞ୍ଚର ମାୟା। 'ଓଡ଼ିଶା ଅପେରା'ରେ କିଛିଦିନ କଟାଇବା ପରେ ଜଣେ ଅଭିନେତା ତଥା ନାଟ୍ୟ ପରିଚାଳକ ଭାବରେ ଯୋଗଦେଲେ 'ଜୟ ମା' ମଙ୍ଗଳା'ରେ ; ଯେଉଁଠି ସେ ପାଇଲେ ତାଙ୍କର ଦ୍ୱିତୀୟ ଜୀବନସାଥୀ ସୁକାନ୍ତିଙ୍କୁ। ସୁକାନ୍ତିଙ୍କୁ ଭେଟିବା ପୂର୍ବରୁ ଗୌରବାବୁ ଅନୁପମାଙ୍କୁ ବିବାହ କରି ସାରିଥିଲେ। ଅନୁପମା ତାଙ୍କର ଗୃହଲକ୍ଷ୍ମୀ ସାଜି ସାରିଥିଲେ। ତେବେ ପ୍ରେମର ଫଣ୍ଡା ସବୁବେଳେ ଅଲଗା। ଅବଶ୍ୟ ସୁକାନ୍ତିଙ୍କୁ ବିବାହ କରିବାକୁ ନେଇ ତୁମ୍ଭିତୋଫାନ ସୃଷ୍ଟି ହୋଇଥିଲା ଘରେ। ହେଲେ ସୁକାନ୍ତି ସମସ୍ତଙ୍କୁ ମନେଇ ନେଇଥିଲେ। ସଉତୁଣୀ ନୁହେଁ ; ଅନୁପମାଙ୍କୁ ବଡ଼ ଭଉଣୀର ସମ୍ମାନ ଦେଇ ତାଙ୍କର ମନକୁ କିଣିନେଲେ। ସୁକାନ୍ତି କହନ୍ତି, ତିନିପୁଅ ହରେକୃଷ୍ଣ, ରାମକୃଷ୍ଣ, ଦ୍ୱିତୀକୃଷ୍ଣ, ଝିଅ ଚିନ୍ମୟୀ, ସ୍ୱାମୀ ଓ ବଡ଼ଭଉଣୀଙ୍କୁ ନେଇ ତାଙ୍କର ସୁଖର ସଂସାର। ଗୌରଙ୍କ ଭାଷାରେ– 'ଦୁଇ ସ୍ତ୍ରୀଙ୍କର ପ୍ରେମ, ଭଲପାଇବା ତଥା ସହଯୋଗ ତାଙ୍କୁ ସଫଳତାର ଶିଢ଼ି ଚଢ଼େଇଛି।' ଅନୁପମା ଓ ସୁକାନ୍ତିଙ୍କୁ ବାଦ୍ ଦେଲେ ସେ ଆଉ କିଛି କଳ୍ପନା କରିପାରନ୍ତି ନାହିଁ। ଯାତ୍ରା ଜଗତରେ ଦୀର୍ଘପଥ ଅତିକ୍ରମ କରିସାରିଥିବା ଗୌର ଓ ସୁକାନ୍ତିଙ୍କର ରହିଛି ଅନେକ ସଫଳ ନାଟକ। ସୁକାନ୍ତିଙ୍କର ସଫଳ ନାଟକ ମଧ୍ୟରେ ରହିଛି 'ମୋ ପେଁକାଳି ବଜେଇ ଦେ', 'ଫୁଲ ବଉଳବେଣୀ', 'ବାଜି ମାରିଲେ ହାରିବ', 'ଟିକିଲି ଅପା', 'ଦେଇଦେବି ତତେ ବୁଢ଼ାବରକୁ', 'ଫଗୁଣ ଦେଇଛି ପ୍ରଥମ ଚିଠି', 'ମିତା ମହାନ୍ତି ମିଛ କହନ୍ତି'। ସେହିଭଳି ଗୌର ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ଶ୍ରୀକୃଷ୍ଣ ଆସୁଛନ୍ତି', 'ମୋ ପେଁକାଳି ବଜେଇଦେ', 'ମେଘ ବରଷିଲା ଟୁପୁରୁ ଟୁପୁରୁ', 'ଅଧା ସପନରେ ପାହିଲା ରାତି', 'ବାବୁ ମୋତେ ଭୁଲିଗଲ', 'ଡି.ଏସ୍.ପି ରମା'। ସମ୍ପ୍ରତି ଯାତ୍ରା ବିଶ୍ୱ ଦରବାରରେ ଅଭିନୟ ଜାରି ରଖିଥିବା ଏହି ଯୋଡ଼ିଙ୍କର ନାଟକ ମଧ୍ୟରେ ରହିଛି 'ଗୁପ୍ତ ସମ୍ପର୍କ', 'ଦୁନିଆ କହିବ କିଏ ମୋ ସ୍ୱାମୀ', 'ଭଲ ପାଇବାକୁ ଭୟ ଲାଗୁଛି'।


ସୁକାନ୍ତି–ଗୌର

# ହାଇବ୍ରିଡ୍ ଏଲିଅନ୍



ଯୋଧପୁରରେ ଏହି ଘଟଣା ଘଟିଛି। ଯୋଧପୁରର ବାୱାଡ଼ି ଗ୍ରାମରୁ ମାଟି ତଳୁ ଏମିତି ଏକ ମଣିଷ ଶିଶୁ ଆକୃତିର ଜୀବ (କ୍ରିଏଚର) ଠାବ ହୋଇଛି। ଟ୍ୟୁବ୍‌ୱେଲ୍ ଖନନ କରୁଥିବା ବେଳେ ଗ୍ରାମବାସୀମାନେ ଏହାକୁ ଉଦ୍ଧାର କରିଥିଲେ। ଆଉ ତାହାକୁ ଦେଖୁଦେଖୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମଣିଷ ଶିଶୁ ଭଳି ତ ଲାଗୁଥିଲା। ମାତ୍ର ସାଧାରଣ ମଣିଷ ଶିଶୁଠାରୁ ଖୁବ୍ ଛୋଟ ଥିଲା। ପୁଣି ସାଧାରଣ ମଣିଷ ଶିଶୁ ତୁଳନାରେ ସମ୍ପୂର୍ଣ୍ଣ ଅଦ୍ଭୁତ ଥିଲା। ଏହାକୁ କେହି କେହି ଏକ ଏଲିଅନ୍ ପୁଣି ହାଇବ୍ରିଡ୍ ଏଲିଅନ୍ ବୋଲି ମଧ୍ୟ କହିବା ଆରମ୍ଭ କରିଥିଲେ। ତେବେ କେତେକଙ୍କ ମତରେ ଏହା ଏକ ଅପରିପକ୍ୱ ଭ୍ରୂଣ ; ଯାହାକୁ ମାଟି ତଳେ ପୋତି ଦିଆଯାଇଛି। ଡାକ୍ତରମାନେ ଏହାକୁ ମଣିଷ ଭ୍ରୂଣର ଅସ୍ୱାଭାବିକ ଅବସ୍ଥା ବୋଲି କହିବା ସହିତ ମତ ଦେଇଛନ୍ତି ଯେ, ହୁଏତ ଶିଶୁଟି ହାଇଡ୍ରୋସେଫାଲସ୍ ଭଳି ରୋଗରେ ପୀଡ଼ିତ ହୋଇଥାଇପାରେ।

ବ୍ୟାକ୍ ପେଜ୍








# ଜଳପରୀ ହେଲେ ଦୁଇ ବାନ୍ଧବୀ

ଡିଜ୍‌ନୀ କ୍ୟାରେକ୍ଟର ଏରିୟଲ୍, ପ୍ରାୟ ସବୁ ଝିଅଙ୍କୁ ଭଲ ଲାଗିଥାଏ। ଛୋଟବେଳେ ସବୁ ଝିଅଙ୍କର ଇଚ୍ଛା ଥାଏ ଏରିୟଲ୍ ପରି ଏକ ଜଳପରୀ ହେବାକୁ। ସେମିତି ଇଚ୍ଛା ଅଷ୍ଟ୍ରେଲିଆର ଜେସିକା ବେଲ୍ ଓ ଆମେଲିଆ ଲାସେଟରଙ୍କର ବି ଥିଲା। ପିଲାଦିନର ସେହି ଇଚ୍ଛାକୁ ଆଜି ସେମାନେ ପୂରଣ କରିଛନ୍ତି। ଆଉ ଏକ ଜଳପରୀର ଜୀବନ ବିତାଉଛନ୍ତି, ପରିଚିତ ହେଉଛନ୍ତି ଜଳପରୀ ଜେସିକା ଓ ଆମେଲିଆ ଭାବେ। ଦୁହେଁ ସ୍ଥାନୀୟ ବେଳାଭୂମିରେ ୧୫ କି.ଗ୍ରା. ଓଜନ ବିଶିଷ୍ଟ ଜଳପରୀ ଭଳି ଲାଞ୍ଜ ପିନ୍ଧି ପରଫର୍ମ କରନ୍ତି। ହଜାର ହଜାର ଲୋକ ଏହାକୁ ଉପଭୋଗ କରନ୍ତି। ଦୁହିଁଙ୍କର ସମାନ ଇଚ୍ଛା ଥିବାରୁ ତାକୁ ପୂରଣ କରିବା ଲାଗି ସେମାନେ ଏକ ଲକ୍ଷ ଟଙ୍କା ବ୍ୟୟକରି ସିଲିକନ୍‌ର ଜଳପରୀ ଭଳି ଲାଞ୍ଜ କିଣିଛନ୍ତି। କେବଳ ସେତିକି ନୁହେଁ, ତାକୁ ପିନ୍ଧି ସମୁଦ୍ର କୂଳରେ ଏବଂ ସାର୍କ ଓ କଇଁଛ ଥିବା ବଡ଼ ବଡ଼ ପାଣି ଟାଙ୍କିରେ ପରଫର୍ମ କରୁଛନ୍ତି। ଜେସିକା କହନ୍ତି, ‘‘ଛୋଟ ପିଲାମାନେ ଆମକୁ ସତସତିକା ଜଳପରୀ ଭାବନ୍ତି। ଯାହାକି ଆମକୁ ବହୁତ ଆନନ୍ଦ ଦିଏ।’’





# ୬୦,୦୦୦ ପାହାଚ ଚଢ଼ି ପହଞ୍ଚିବେ ହୋଟେଲରେ

ପୃଥିବୀରେ ଏମିତି ଅନେକ ହୋଟେଲ ଅଛି, ଯାହା କୌଣସି ଆଶ୍ଚର୍ଯ୍ୟଠୁ କମ୍ ନୁହେଁ। ଚାଇନାରେ ବି ସେମିତି ଏକ ହୋଟେଲ ଅଛି, ଯାହା ୟେଲୋ ମାଉଣ୍ଟେନ୍ ଉପରେ ଅବସ୍ଥିତ। ଉକ୍ତ ହୋଟେଲର ଖାସ୍ କଥା ହେଉଛି ଏଠାକୁ ପହଞ୍ଚିବାକୁ ହେଲେ ୬୦,୦୦୦ ପାହାଚ ଚଢ଼ିବାକୁ ହୁଏ। ଏହା ଏକ ଚାରିତାରକା ବିଶିଷ୍ଟ ହୋଟେଲ, ଯାହାର ନାଁ ‘ଜେଡ୍ ସ୍କ୍ରିନ୍ ହୋଟେଲ’ । ଏହା ୧୮୩୦ ମିଟର ଉଚ୍ଚତାରେ ଅବସ୍ଥିତ। ଅନେକ ପରିଶ୍ରମ କରି ଏଠାରେ ପହଞ୍ଚିବା ପରେ ଲାଗିବ ସତେ ଯେମିତି ଆପଣ ସ୍ୱର୍ଗପୁରକୁ ଚାଲି ଆସିଛନ୍ତି। ଆଉ ଏଠାରୁ ହଙ୍ଗଶନ୍ ପର୍ବତରାଜିର ସୌନ୍ଦର୍ଯ୍ୟ ଅବଲୋକନ ବି କରିପାରିବେ। ଏହା ହେଉଛି ପୃଥିବୀର ଏକମାତ୍ର ହୋଟେଲ ଯେଉଁଠି ପହଞ୍ଚିବାପାଇଁ ଏତେ ସଂଖ୍ୟକ ପାହାଚ ଚଢ଼ିବାକୁ ପଡ଼େ। ହୋଟେଲରେ ସବୁପ୍ରକାରର ଲକ୍‌ଜ୍ୟୁରି ସୁବିଧା ଉପଲବ୍ଧ ଅଛି, ଯେଉଁଥିରେ ସ୍ପା ଓ ସୁଇମିଂ ପୁଲ୍ ଅନ୍ତର୍ଭୁକ୍ତ। ଯେଉଁମାନେ ଶିଡ଼ି ଚଢ଼ି ନ ଯାଇପାରିବେ ତାଙ୍କ ପାଇଁ କୁଲି ବ୍ୟବସ୍ଥା ଅଛି। କୁଲି ସେମାନଙ୍କୁ ଏକ ଚଉକିରେ ବସାଇ ଟେକି ଟେକି ନେଇଯିବେ। କେବଳ କାର୍‌ର ବ୍ୟବସ୍ଥା ବି ଏଠାରେ ରହିଛି। ହୋଟେଲରେ ୬୫ଟି ସୁଇଟ୍ସ(କୋଠରିର ସେଟ୍) ରହିଛି, ଯେଉଁଠି ୱାଇ-ଫାଇର ସୁବିଧା ରହିଛି। ତେବେ ଉକ୍ତ ହୋଟେଲକୁ ଗ୍ରାହକଙ୍କ ଜିନିଷ ବୋହି ଆଣୁଥିବା ବ୍ୟକ୍ତିଙ୍କୁ ଏଠାରେ ବହୁତ ଅସୁବିଧା ଓ କଷ୍ଟ କରି ଶିଡ଼ି ଚଢ଼ିଯିବାକୁ ପଡ଼େ।